ସତ୍ୟ ନ୍ୟୁଜ୍

ଓଡ଼ିଆ ଦୈନିକ

RNI No.-ODIODI/2024/17847

Like, Follow & Subscribe Satya News24

RNI No.ODIODI/2024/17847

୦୧ ବର୍ଷ | Volume-01

ISSUE - 06 | ସଂଖ୍ୟା-୦୬

ଭୁବନେଶ୍ୱର, ମଙ୍ଗଳବାର ୨୪, ଡିସେମ୍ବର, ୨୦୨୪

Bhubaneswar, Tuesday, 24, December 2024

୦୮ ପୃଷ୍ଠା | Pages-08

ମୂଲ୍ୟ : ୭.୦୦ ଟଙ୍କା | Price : Rs.7.00

E-Mail : satyanews24.bbsr@gmail.com

ଆଜିଠୁ ପୁଣି ଛେଚିବ

ଭୁବନେଶ୍ୱର, ୨୩।୧୨(ନି.ପ୍ର.): ଆସନ୍ତାକାଲିଠୁ ଦୁଇ ଦିନ ପ୍ରବଳ ବର୍ଷା ପାଇଁ ଚାଷୀଙ୍କୁ ସତର୍କ କରାଯାଇଛି। ଡିସେମ୍ବର ୨୪, ୨୫ରେ ପୁଣି ବର୍ଷା ଅନୁମାନ କରିଛି ପାଣିପାଗ ବିଭାଗ। ଉପକୂଳ ଓ ସଲଗ୍ନ ତଥା କିଛି ଦକ୍ଷିଣ ଜିଲ୍ଲା ଗଞ୍ଜାମ, ଗଜପତି, ରାୟଗଡା, ପୁରୀ, ଖୋର୍ଦ୍ଧା, କଟକ(ପୂର୍ବ ବ୍ଲକ), ଜଗତସିଂହପୁରର ଗୋଟିଏ ୨ଟି ଜାଗାରେ ଭାରି ବର୍ଷା ସମ୍ଭାବନା ରହିଛି। ତେଣୁ ଚାଷୀ ଭାଇମାନଙ୍କୁ ଏହା ଅନୁସାରେ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି।

ବର୍ଷା ସହ ଘନ କୁହୁଡି କରିବ କଲବଲ । ପଶ୍ଚିମା ଝଡ ପ୍ରଭାବରେ ବର୍ଷା ସମ୍ଭାବନା ରହିଛି । ୭ ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ଆକଳନ କରାଯାଇଛି । କେନ୍ଦ୍ରାପଡା, ଜଗତସିଂହପୁର,ପୁରୀ,ଖୋର୍ଦ୍ଧା, ଗଞ୍ଜାମ, ଗଜପତି,ରାୟଗଡା ଜିଲ୍ଲାରେ ହେବ ବର୍ଷା । ୯ ଜିଲ୍ଲାକୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଢେଙ୍କାନାଳ, ନୟାଗଡ, କନ୍ଧମାଳ, କୋରାପୁଟ, ମାଲକାନଗିରିରେ ମଧ୍ୟ ବର୍ଷା ହେବ। ୨୫ ତାରିଖରେ ୧୧ ଜିଲ୍ଲାରେ ହାଲୁକା ବର୍ଷା ସମ୍ଭାବନା ରହିଛି । ଆଜି ଏବଂ କାଲି ଘନ କୁହୁଡି ନେଇ ୫ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଛି । କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ଅନୁଗୁଳ ଓ କଳାହାଣ୍ଡିରେ ଘନ କୁହୁଡି ରହିବ । ୫ ଜିଲ୍ଲାରେ ୫୦ ମିଟର ତଳକୁ ଖସିବ ଦୃଶ୍ୟମାନ ଦୂରତା । ୨୬ରୁ ୨୮ ତାରିଖ ଯାଏଁ ରହିବ ଶୁଖିଲା ପାଗ । ୨୯ ତାରିଖରୁ ପୁଣି କୋହଲା ପାଗ ସହ ବର୍ଷା ସମ୍ଭାବନା ରହିଛି । ଆଗାମୀ ୩ ଦିନ ପରେ ବଢିବ ଶୀତର ପ୍ରଭାବ ବୋଲି ସୂଚନା ଦେଇଛି ଆଂଚଳିକ ପାଣିପାଗ କେନ୍ଦ୍ର।

'ପ୍ଲାଷ୍ଟିକ ବ୍ୟାଗ୍ ଉତ୍ପାଦନ କାରଖାନା' ଉଦଘାଟନ କଲେ ଧର୍ମେନ୍ଦ୍ର

ପାରାଦୀପ, ୨୩।୧୨(ନି.ପ୍ର.): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ 'ପୂର୍ବୋଦୟ' ମିଶନରେ ଓଡ଼ିଶାର ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ କରିବା ଲକ୍ଷ୍ୟରେ ଆଜି ପାରାଦୀପ ପ୍ଲାଷ୍ଟିକ ପାର୍କ ପରିସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ 'ପ୍ଲାଷ୍ଟିକ ବ୍ୟାଗ୍ ଉତ୍ପାଦନ କାରଖାନା' ଉଦଘାଟିତ ହୋଇଯାଇଛି । ଏହି ପଦକ୍ଷେପ ଦ୍ୱାରା ପ୍ଲାଷ୍ଟିକ ବ୍ୟାଗ୍ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭର ହେବ ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ।

ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପାରାଦୀପ ପ୍ଲାଷ୍ଟିକ ପାର୍କ ଧୀରେ ଧୀରେ ସମ୍ପ୍ରସାରିତ ହେଉଛି। ପାରାଦୀପ ଅଏଲ ରିଫାଇନାରୀରେ ଏକ ଆନ୍ସିଲାରୀ କ୍ଲଷ୍ଟର ତିଆରି କରିବାର ପୂର୍ବରୁ ମୂଳ ଉଦ୍ଦେଶ୍ୟ ରହିଥିଲା। ସେ ଦିଗରେ ପ୍ଲାଷ୍ଟିକ ପାର୍କରେ ପ୍ରାୟ ୧୬ଟି କାରଖାନା ଇଡକୋ ଓ ଇଣ୍ଡିଆନ ଅଏଲର ପ୍ଲାଷ୍ଟିକ ପାର୍କ କର୍ପୋରେସନରୁ ଜମି ନେଇଛନ୍ତି।ଏଥିମଧ୍ୟରୁ ୩ଟି କାରଖାନା କାର୍ଯ୍ୟକ୍ଷମ ହୋଇଛି । ତନ୍ମଧ୍ୟରୁ ଆଜି ଲୋକାର୍ପିତ ହୋଇଥିବା ଏହି ପ୍ଲାଷ୍ଟିକ ବ୍ୟାଗ ଉତ୍ପାଦନ କାରଖାନା ଏନରଗନ ପଲିମେଟିକ୍ସ କମ୍ପାନୀ ଦ୍ୱାରା ସ୍ଥାପିତ ହୋଇଛି। ଏଠାରେ ପଲିପ୍ରପିଲିନ କାରଖାନାର କଂଚାମାଲକୁ ନେଇ ଏନରଗନ ପ୍ଲାଷ୍ଟିକ ବ୍ୟାଗ୍ ତିଆରି କରିବାର ଏକ ପ୍ରଡକ୍ଟ ଲାଇନ ତିଆରି କରିପାରିଥିବାରୁ ଧନ୍ୟବାଦ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଏହି ପ୍ଲାଣ୍ଟପ୍ରତିଷ୍ଠା ଦ୍ୱାରା ପ୍ଲାଷ୍ଟିକ ବ୍ୟାଗ୍ ଉତ୍ପାଦନରେ ଓଡ଼ିଶା ଅଧିକ ଆତ୍ମନିର୍ଭର ହେବ। ପାରାଦୀପ ପ୍ଲାଷ୍ଟିକ ପାର୍କରେ ପ୍ଲାଷ୍ଟିକ ବ୍ୟାଗ ଉତ୍ପାଦନ କାରଖାନାର ପ୍ରକ୍ରିୟାକରଣ କ୍ଷମତା ରହିଛି ମାସିକ ୫୦୦ ମେଟ୍ରିକ୍ ଟନ। ଏହି ସ୍ୱୟଂଚାଳିତ ପ୍ଲାଣ୍ଟରେ ବିଭିନ୍ନ ପ୍ରକାର ପ୍ଲାଷ୍ଟିକ ବ୍ୟାଗ୍ ତିଆରି ହେବ। ଏହି ବ୍ୟାଗ

ତିଆରି ପାଇଁ ସିମେଂଟ, ଫର୍ଟିଲାଇଜର ଏବଂ ପେଟ୍ରୋକେମିକାଲ୍ସ ଶିଳ୍ପ ସହ ଆନୁସଙ୍ଗିକ ସୁବିଧା ରହିଛି । ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ସବୁପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ। ଏହି ୟୁନିଟ୍ ଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଲୋକମାନେ ନିଯୁକ୍ତି ପାଇବା ସହ ସ୍ଥାନୀୟ ଓ ଓଡ଼ିଶାର ଅର୍ଥନୀତି ସୁଦୃଢ଼ ହେବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଭାବରେ ଏହି ପ୍ଲାଷ୍ଟିକ ପାର୍କର କଳ୍ପନା କରିଥିଲେ । ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ସହଯୋଗରେ କେମିକାଲ୍ସ ଏବଂ ପେଟ୍ରୋକେମିକାଲରେ ଇଣ୍ଡିଆନ ଅଏଲର ନାଫଥା କ୍ରାକର ଦ୍ୱାରା ପ୍ରାୟ ୬୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ବହୁ ଆକାଂକ୍ଷୀ ଯୋଜନା କରିବା ପାଇଁ ଯାଉଛି । ପୂର୍ବ ସରକାରର ଅସହଯୋଗ କାରଣରୁ ଏହି କାମ ବିଳମ୍ବ ହୋଇଛି। ଆଜିର ଡବଲ ଇଞ୍ଜିନ ସରକାର ସଠିକ୍ ପଦକ୍ଷେପ ନିଆଯାଉଛି। ଆଗାମୀ ଦିନରେ ରାଜ୍ୟରେ ପେଟ୍ରୋକେମିକାଲ କ୍ଷେତ୍ରରେ ଅଭିବୃଦ୍ଧି ହେବ । ଏହି ପଦକ୍ଷେପ କ୍ଷୁଦ୍ର ଓ ମଧ୍ୟମ ଏବଂ ବୃହତ ଶିଳ୍ପକୁ ବଳ ଦେବ। ପରିବହନ, ରେଳଶକ୍ତିକୁ ଗତି ମିଳିବା ସହ ଓଡ଼ିଶାର ପୁଞ୍ଜି ବଢିବ। ପାରାଦୀପ ପେଟ୍ରୋକେମିକାଲ ଆଧାରିତ ଅର୍ଥନୀତିର କେନ୍ଦ୍ରବିନ୍ଦୁ ହେବ। ଏହାବ୍ୟତୀତ ଭଦ୍ରକରେ ବୟନ ପାର୍କ ପ୍ରତିଷ୍ଠା ପାଇଁ ଇଣ୍ଡିଆନ ଅଏଲ ୪,୩୮୨ କୋଟି ଟଙ୍କାର ଅର୍ଥ ମଞ୍ଜୁର କରିଛି। ଇଣ୍ଡିଆନ ଅଏଲ ଓ ଏମସିପିଆଇ ପ୍ରାଇଭେଟ ଲିମିଟେଡର ମିଳିତ ସହଭାଗୀତାରେ ଏହି ବୟନ ପାର୍କ ପ୍ରତିଷ୍ଠା ହେବ, ଯାହା ସ୍ୱାଗତଯୋଗ୍ୟ।

ଶ୍ରୀ ପ୍ରଧାନ କହିଛନ୍ତି ଇଣ୍ଡିଆନ ଅଏଲର ପାରାଦୀପ ତୈଳ ବିଶୋଧନାଗାର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଓଡ଼ିଶା ପାଇଁ ଅବଦାନ। ଏହାକୁ ବାଜପେୟୀଜୀ ଶୁଭ ଦେଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିଥିଲେ। ସେହି ସମୟରେ ଏଠାରେ ପେଟ୍ରୋଲିୟମ ଉତ୍ପାଦ ସହ ପେଟ୍ରୋକେମିକାଲ ଉତ୍ପାଦ ବାହାର କରିବା ପାଇଁ ଯୋଜନା ହୋଇଥିଲା।ପାରାଦୀପରେ ଶିଳ୍ପାୟନର ବିକାଶ ପାଇଁ ପ୍ରାୟ ୬୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ ହୋଇଛି।

ବର୍ତ୍ତମାନ ସମୟରେ ଆମ ଯୁବବର୍ଗଙ୍କୁ ଚାକିରି କରିବା ପାଇଁ ନୁହେଁ ବରଂ ଚାକିରି ଦେବା ପାଇଁ ପ୍ରୋତ୍ସାହିତ କରିବା ଦରକାର । ଓଡ଼ିଶାର ଅର୍ଥନୀତିକୁ ମଜଭୁତ୍ କରିବା ପାଇଁ ହେଲେ ଆମ ପାଖରେ ଥିବା ସମ୍ଭାବନାକୁ ସ୍ଥାନୀୟ ଲୋକଙ୍କ ସହ ଯୋଡିବାକୁ ପଡିବ । ପାରାଦୀପରେ ପ୍ରସ୍ତାବିତ ପେଟ୍ରୋକେମିକାଲ କମ୍ପଲେକ୍ସ ହେଉ କିମ୍ବା ଭଦ୍ରକ ଟେକ୍ସଟାଇଲ ପାର୍କ କିମ୍ବା ସ୍ୱଚ୍ଛ ଇନ୍ଧନ ହାଇଡ୍ରୋଜେନ୍ ଉତ୍ପାଦନର ଯୋଜନା, ଏ ସବୁ କ୍ଷେତ୍ରରେ ଓଡ଼ିଶାର ନୂଆ ପରିଚୟ ତିଆରି ହେବ। 'ପୂର୍ବୋଦୟ ମିଶନ'ରେ ଓଡ଼ିଶା ବିଶେଷ ଭାବରେ ପାରାଦୀପରେ ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ବିଶେଷ ପ୍ରାଥମିକତା ଦେଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏବଂ ଆନୁଷଙ୍ଗିକ ସହଯୋଗ ଯୋଗାଇ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ଏହି ସମାରୋହରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉପସ୍ଥିତ ଥିଲେ।



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରି ଆଗାମୀ ପ୍ରବାସୀ ଭାରତୀୟ ଦିବସ ଏବଂ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଅଲ୍ଲୁ ଅର୍ଜୁନଙ୍କୁ ପୋଲିସ ସମନ

ହାଇଦ୍ରାବାଦ, ୨୩।୧୨ନି.ପ୍ର.): ସନ୍ଧ୍ୟା ଥିଏଟରରେ ଦଳାଚକଟାରେ ଜଣେ ୩୫ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟଣାରେ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କୁ ପୁଲିସ କରିଛି ସମନ। ଥାନାରେ ତାଙ୍କୁ ଏହି ଘଟଣା ନେଇ ପଚରାଉଚରା କରାଯିବ। ତାଙ୍କୁ ଆସନ୍ତାକାଲି ୧୧ଟା ସୁଦ୍ଧା ତାଙ୍କୁ ଥାନାରେ ହାଜର ହେବାକୁ କୁହାଯାଇଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଓ ଏଆଇଏମ୍ଆଇଏମ୍ ବିଧାୟକ ଅକବରୁଦ୍ଦୀନ ଓୱେସୀଙ୍କ ଏହି ଘଟଣାରେ ଅଲ୍ଲୁ ଅର୍ଜୁନଙ୍କୁ ଟାର୍ଗେଟ କରିଥିଲେ। ଗତ ୪ ତାରିଖରେ ଦଳାଚକଟା ହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ୮ ବର୍ଷର ପୁଅ ୨୦ ଦିନ ହେଲାଣି କୋମାରେ ଅଛନ୍ତି।

ଜଳିଗଲା ଇଲେକ୍ଟ୍ରୋନିକ୍ସ ଗୋଦାମ

ଭୁବନେଶ୍ୱର, ୨୩।୧୨(ନି.ପ୍ର.): ରାଜଧାନୀ ଭୁବନେଶ୍ୱରରେ ଆଜି ସନ୍ଧ୍ୟାରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ସ୍ଥାନୀୟ ସତ୍ୟନଗରରେ ଥିବା ଏକ ଇଲେକ୍ଟ୍ରୋନିକ୍ସ ଗୋଦାମରେ ନିଆଁ ଲାଗି ସବୁ କିଛି ଜଳିଯାଇଛି। ଅଗ୍ନିକାଣ୍ଡ ଅତି ଭୟଙ୍କର ରୂପଧାରଣ କରିଥିବାରୁ ନିୟନ୍ତ୍ରଣ ପାଇଁ ଘଣ୍ଟା ଘଣ୍ଟା ସମୟ ଲାଗିଥିଲା। ନିଆଁ ଲିଭାଇବା ପାଁଇ ଅଗ୍ନିଶମ ବାହିନୀର ୬ଟି ଟିମ୍ ଲାଗିଥିବାବେଳେ ପ୍ରଥମ ଥର ପାଇଁ ରୋବୋଟର ବ୍ୟବହାର କରାଯାଇଛି।

ଅଗ୍ନିଶମ ବାହିନୀ ପକ୍ଷରୁ କୁହାଯାଇଛି ଯେ, ସତ୍ୟନଗରସ୍ଥିତ ଏକ ଇଲେକ୍ଟ୍ରୋନକ୍ସ ଗୋଦାମରେ ଅଗ୍ନିକାଣ୍ଡ ନେଇ ବିଳମ୍ବିତ ସନ୍ଧ୍ୟାରେ ସୂଚନା ମିଳିଥିଲା।। ଏହି ଖବର ଆଧାରରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ପହଞ୍ଚି ଥିଲା। ଆରମ୍ଭରୁ ୨ଟି ଗାଡ଼ିରେ ଆଗ୍ନିକମାନେ ପହଞ୍ଚି ଥିଲେ। ତେବେ ନିଆଁ ସେହି ସମୟ ବେଳକୁ ଅତି ଭୟଙ୍କର ରୂପ ନେଇ ସାରିଥିବାରୁ ପରବର୍ତ୍ତୀ ସମୟରେ ପୁଣି ୪ଟି ଗାଡ଼ି ଆସିଥିଲା ।ଖୁବ୍ କମ ସମୟରେ ନିଆଁ ଏକ ଭୟଙ୍କର ରୂପ ନେଇଥିଲା। ନିଆଁ ଲିଭାଇବା ପାଇଁ ଅଗ୍ନିଶମ ବାହିନୀ ସମତେ ରୋବର୍ଟକୁ ବ୍ୟବହାର କରାଯାଇଛି ।ରୋବଟିକ୍ ଫାୟାର ଫାଇଟର ଏହି ମିସନରେ ସାମିଲ ହୋଇଛି ନିଆଁ ଲିଭା କାମରେ ରୋବଟକୁ ପ୍ରଥମ ଥର ଲାଗି ବ୍ୟବହାର କରାଯାଇଛି। ତେବେ ଗୋଦାମରେ ନିଆଁ କେମିତି ଲାଗିଲା ତାହା ଜଣାପଡ଼ିନାହିଁ ।କିନ୍ତୁ ଏଠାରେ ଥିବା ବହୁ ସାମଗ୍ରୀ ଜଳି ଯାଇଥିବା ସୂଚନା ମିଳିଛି ଅପରେସନ ଶେଷ ହେଲା ପରେ କ୍ଷୟକ୍ଷତିନେଇ ଜଣାପଡ଼ିବ ତେବେ ଅଗ୍ନିଶମ ବାହିନୀର ପୂର୍ବାନୁମାନ ଅନୁସାରେ ଏହା ସର୍ଟସର୍କିଟ୍ ହିଁ କାରଣ ହୋଇଥାଇପାରେ ।

୭୧ ହଜାର ନିଯୁକ୍ତିପତ୍ର ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୩।୧୨(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ରୋଜଗାର ମେଳାକୁ ସମ୍ବୋଧିତ କରିବା ସହ ବିଭିନ୍ନ ସରକାରୀ ବିଭାଗ ଏବଂ ସଂଗଠନରେ ନବନିଯୁକ୍ତ ଯୁବକଯୁବତୀମାନଙ୍କୁ ୭୧,୦୦୦ରୁ ଅଧିକ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି। ରୋଜଗାର ମେଳା ନିଯୁକ୍ତି ସୃଷ୍ଟିକୁ ପ୍ରାଥମିକତା ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ଏହା ଯୁବପିଢ଼ିଙ୍କୁ ରାଷ୍ଟ୍ର ନିର୍ମାଣ ଓ ଆତ୍ମ-ସଶକ୍ତୀକରଣରେ ଯୋଗଦାନ ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ପ୍ରଦାନ କରି ସଶକ୍ତ କରିବ।

ସେହିପରି ଭୁବନେଶ୍ୱରରେ ଏକ ସମାରୋହରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ୪୦୧ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସିଆରପିଏଫ୍ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା, ଆଇଆଇଟି ଭୁବନେଶ୍ୱର, ଏସଆରଆଇସି , ଡିନ ପ୍ରଫେସର ଦିନାକର ପାସଲା ଓ ଜେନେରାଲ ମ୍ୟାନେଜର ତଥା କନଭେନର ଏସଏଲବିସି ଓଡିଶାର ଗୌତମ ପାତ୍ରଙ୍କ ସହ କେନ୍ଦ୍ର ସରକାରୀ ସଂଗଠନର ଅନ୍ୟ ବିଶିଷ୍ଟ ପ୍ରତିନିଧୀମାନେ ଯୋଗ ଦେଇଥିଲେ।

ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସେ ଗତକାଲି ବିଳମ୍ବିତ ରାତିରେ କୁଏତରୁ ଫେରିଥିଲେ। ସେଠାରେ ସେ ଭାରତୀୟ ଯୁବବର୍ଗ ଏବଂ ପେସାଦାରମାନଙ୍କ ସହ ବ୍ୟାପକ ଆଲୋଚନା କରିଛନ୍ତି। ଏହା ଏକ ଅତ୍ୟନ୍ତ ସୁଖଦ

ସୌଭାଗ୍ୟ ଯେ ଫେରିବା ପରେ ଦେଶର ଯୁବକମାନଙ୍କ ସହିତ ତାଙ୍କର ପ୍ରଥମ କାର୍ଯ୍ୟକ୍ରମ ହେଉଛି। ଦେଶର ହଜାର ହଜାର ଯୁବକଯୁବତୀଙ୍କ ପାଇଁ ଆଜି ଏକ ନୂଆ ଆରମ୍ଭ ଅନେକ ବର୍ଷର ସ୍ୱପ୍ନ ସାକାର ହୋଇଛି, ବର୍ଷ ବର୍ଷର କଠିନ ପରିଶ୍ରମ ଫଳ ଦେଇଛି। ୨୦୨୪ର ଏହି ବିଦାୟୀ ବର୍ଷ ଆପଣଙ୍କ ପାଇଁ ନୂଆ ଖୁସି ନେଇ ଆସୁଛି। ରୋଜଗାର ମେଳା ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଭାରତର ଯୁବ ପ୍ରତିଭାଙ୍କ ସମ୍ପୂର୍ଣ୍ଣ ଉପଯୋଗକୁ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ। ବିଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ସରକାରୀ ଚାକିରି ଦେବା ପାଇଁ ପ୍ରୟାସ ଚାଲିଛି ଆଜି ୭୧ ହଜାରରୁ ଅଧିକ ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଗତ ଦେଢ଼ ବର୍ଷ ମଧ୍ୟରେ ପାଖାପାଖି ୧୦ ଲକ୍ଷ ସ୍ଥାୟୀ ସରକାରୀ ଚାକିରି ପ୍ରଦାନ କରାଯାଇ ଏକ ଉଲ୍ଲେଖନୀୟ ରେକର୍ଡ ସୃଷ୍ଟି କରାଯାଇଛି ବୋଲି ଶ୍ରୀ ମୋଦୀ କହିଥିଲେ। ଏହି ଚାକିରିଗୁଡ଼ିକ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ ଯୋଗାଇ ଦିଆଯାଉଛି ଏବଂ ନୂତନ ନିଯୁକ୍ତି ପାଇଥିବା କର୍ମଚାରୀମାନେ ନିଷ୍ଠା ଏବଂ ସମର୍ପଣର ସହ ଦେଶର ସେବା କରୁଛନ୍ତି

କୌଣସି ଦେଶର ବିକାଶ ଏହାର ଯୁବବର୍ଗଙ୍କ କଠିନ ପରିଶ୍ରମ, ସାମର୍ଥ୍ୟ ଓ ନେତୃତ୍ୱ ଉପରେ ନିର୍ଭର କରେ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ। ଶ୍ରୀ ମୋଦୀ କହିଥିଲେ, ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ପାଇଁ ଭାରତ ସଂକଳ୍ପବଦ୍ଧ, କାରଣ ଦେଶର ନୀତି ଓ ନିଷ୍ପତ୍ତି ଏହାର ପ୍ରତିଭାବାନ ଯୁବକମାନଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱ ଦେଉଛି। ଗତ ଏକ ଦଶନ୍ଧି ମଧ୍ୟରେ ମେକ୍ ଇନ୍ ଇଣ୍ଡିଆ, ଆତ୍ମନିର୍ଭର ଭାରତ, ଷ୍ଟାର୍ଟଅପ୍ ଇଣ୍ଡିଆ, ଷ୍ଟାଣ୍ଡ-ଅପ୍ ଇଣ୍ଡିଆ ଏବଂ ଡିଜିଟାଲ୍ ଇଣ୍ଡିଆ ଭଳି ପଦକ୍ଷେପ ଯୁବବର୍ଗଙ୍କୁ ଆଗରେ ରଖିଛି ବୋଲି ସେ କହିଥିଲେ। ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥବ୍ୟବସ୍ଥା ଏବଂ ତୃତୀୟ ବୃହତ୍ତମ ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ପରିଣତ ହୋଇଛି। ଆଜି ଭାରତୀୟ ଯୁବପିଢ଼ି ନୂଆ। ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ହୋଇ ରହିଛନ୍ତି।

ଦ୍ୱିତୀୟ ମେରିଟ୍ ଲିଷ୍ଟ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ୨୩।୧୨(ନି.ପ୍ର.): ରାଜ୍ୟରେ ଖାଲି ପଡ଼ିଥିବା କନିଷ୍ଠ ଶିକ୍ଷକ ପଦବୀ ପୂରଣ ପ୍ରସଙ୍ଗରେ ହାଇକୋର୍ଟ ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ନୂଆ। କଟ୍-ଅଫ୍ ମାର୍କ ସ୍ଥିର କରି ୨ୟ ମେରିଟ୍ ଲିଷ୍ଟ ଜାରି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଉଚ୍ଚ ନ୍ୟାୟାଳୟ। ନିଯୁକ୍ତିରୁ ବଞ୍ଚିତ ଆଶାୟୀଙ୍କ ପିଟିସନ୍ ଉପରେ ଶୁଣାଣି କରି ଏଭଳି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ୨୦ ହଜାର କନିଷ୍ଠ ଶିକ୍ଷକ ପଦବୀ ପୂରଣ ପାଇଁ ପ୍ରଥମେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଚୟନକୁ ନେଇ ଦୀର୍ଘ ଦିନ ବିବାଦ ଲାଗି ରହିବା ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ନିଯୁକ୍ତି ଆରମ୍ଭ ହୋଇଥିଲା। କାରଣ କଟ୍-ଅଫ୍ ମାର୍କ କମ୍ କରି ପଦବୀ ପୂରଣ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିଲା। ହେଲେ ବିଭିନ୍ନ କାରଣରୁ ଏବେ ମଧ୍ୟ ୪ ହଜାର ପଦବୀ ପୂରଣ ହୋଇନାହିଁ।

ନିଆଁ ଲଗାଇଲା ରୁବେନଙ୍କ ବହି

ବିଜେଡି-ବିଜେପି ବାକ୍ ଯୁଦ୍ଧ

ଭୁବନେଶ୍ୱର, ୨୩।୧୨(ନି.ପ୍ର.): ନବୀନ ପଟ୍ଟନାୟକଙ୍କ ଉପରେ ରୁବେନ୍ ବାନାର୍ଜୀଙ୍କ ଲିଖିତ ବହିକୁ ନେଇ ବିଜେଡିରେ କମ୍ପନ। ପ୍ରଥମେ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ରୁବେନଙ୍କ ତଥ୍ୟକୁ ପରୋକ୍ଷରେ ସମର୍ଥନ କରିଥିବାବେଳେ ଏବେ ଏହି ତଥ୍ୟକୁ ନେଇ ଆପତ୍ତି ଉଠାଇଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ। କେବଳ ଚ ଖଟି ଓ ବିରୋଧୀ ଚର୍ଚ୍ଚା କରୁଥିବା ତଥ୍ୟ ସବୁ ସେ ବହିରେ ଉଲ୍ଲେଖ କରାଯାଇଥିବା କହିଛନ୍ତି ଅରୁଣ। ସେପଟେ ବିଜେଡି ସତ୍ୟକୁ ଗ୍ରହଣ କରିବାକୁ ଶିଖୁ ବୋଲି କହିଛି ବିଜେପି।



ବରିଷ୍ଠ ସାମ୍ବାଦିକ ରୁବେନ ବାନାର୍ଜୀ ନବୀନ ପଟ୍ଟନାୟକଙ୍କ ଉପରେ ଲେଖିଥିବା ବହିକୁ ନେଇ ପ୍ରତିକ୍ରିୟାରେ ଅରୁଣ କହିଛନ୍ତି ଯେ ଦୀର୍ଘବର୍ଷ ହେବ ନବୀନ ପଟ୍ଟନାୟକଙ୍କୁ ରୁବେନ୍ ବାନାର୍ଜୀ ଭେଟି ନାହାନ୍ତି। କଥା ହୋଇନାହାନ୍ତି କି କେବେ ସାକ୍ଷାତକାର ମଧ୍ୟ ନେଇନାହାନ୍ତି। କେବଳ ଚ ଖଟି ଓ ବିରୋଧୀ ଚର୍ଚ୍ଚା କରୁଥିବା ତଥ୍ୟ ସବୁ ବହିରେ ଉଲ୍ଲେଖ କରିଛନ୍ତି ରୁବେନ ବାନାର୍ଜୀ। କାହା ଉପରେ ବହି ଲେଖିବାବେଳେ ତାଙ୍କ ମତାମତ ନେବା କଥା, କିନ୍ତୁ ଯେଉଁମାନେ ନବୀନଙ୍କୁ ବିରୋଧ କରନ୍ତି ସେମାନଙ୍କ ମତାମତ ନେଇ ସେ ବହି ଲେଖିଛନ୍ତି। ବହିକୁ ଆମେ ପ୍ରତ୍ୟାଖାନ କରୁଛୁ ଓ ରାଜ୍ୟବାସୀ ବି ପ୍ରତ୍ୟାଖ୍ୟାନ କରିବେ ବୋଲି କହିବା ସହ ରୁବେନ ବିଜେପି ଉପରେ ବହି ଲେଖି ଦେଖାନ୍ତୁ ବୋଲି ଚ୍ୟାଲେଞ୍ଜ କରିଛନ୍ତି ବିଧାୟକ ଅରୁଣ ସାହୁ।

ତେବେ ଅରୁଣଙ୍କ ଅଭିଯୋଗ ଉପରେ ଲେଖକ ରୁବେନ ବାନାର୍ଜୀ କହିଛନ୍ତି ଯେ ନବୀନଙ୍କୁ ଭେଟିବାକୁ ମୁଁ ସମୟ ମାଗିଥିଲେ ମଧ୍ୟ ମୋତେ କୌଣସି ରେସପନ୍ସ ମିଳିନଥିଲା। ମୁଁ କିପରି ସାମ୍ବାଦିକତା କରୁଛି, ତାର ସାର୍ଟିଫିକେଟ କୌଣସି ରାଜନେତା ମୋତେ ଦେବା ଆବଶ୍ୟକ ନାହିଁ।

ସେପଟେ ଅରୁଣଙ୍କ ଆପତ୍ତି ପରେ ବିଜେଡିକୁ କାଉଣ୍ଟର କରିଛି ବିଜେପି। ବିଧାୟକ ବାବୁ ସିଂ କହିଛନ୍ତି ଯେ ରୁବେନ୍ ବାନାର୍ଜୀ ଯାହା ଲେଖିଛନ୍ତି ତାହା ସମ୍ପୂର୍ଣ୍ଣ ସତ୍ୟ। ବିଜେଡି ପାଇଁ ଏହା ଅପ୍ରିୟ ହେଲେ ବି ଏହାର ନେତାମାନେ ସତ୍ୟକୁ ଗ୍ରହଣ କରିବା ଉଚିତ ଆଗରୁ ଯେତେବେଳେ ରୁବେନ ବାନାର୍ଜୀଙ୍କ ଲେଖା ବିଜେଡିକୁ ସୁହାଉଥିଲା, ସେତେବେଳେ ସେ ଭଲ ଥିଲେ। ଆଜି ଅପ୍ରିୟ ସତ କଥା ଲେଖିବାରୁ ବିଜେଡି ଦେହରେ ଯାଉନି। ରୁବେନ ବାନାର୍ଜୀ ସେତେବେଳେ ବି ସତ ଲେଖୁଥିଲେ ଏବେ ବି ସତ ଲେଖୁଛନ୍ତି। ତେଣୁ ବିଜେଡି ନେତା ଏହାକୁ ଗ୍ରହଣ କରିବା ଶିଖନ୍ତୁ।

ଶ୍ୟାମ ବେନେଗଲଙ୍କ ପରଲୋକ

ମୁମ୍ବାଇ, ୨୩।୧୨: ମନ୍ଥନ ଓ ଅଙ୍କୁର ଭଳି ଚମତ୍କାର କଳାତ୍ମକ ସିନେମା ପାଇଁ ଜଣାଶୁଣା ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ଶ୍ୟାମ ବେନେଗାଲଙ୍କ ପରଲୋକ ହୋଇଯାଇଛି। ଆଜି ସନ୍ଧ୍ୟା ୬ଟା ୩୯ ମିନିଟରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କୁ ୯୦ ବର୍ଷ ହୋଇଥିଲା ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ ମଧ୍ୟ ବିଭିନ୍ନ ଚଳଚ୍ଚିତ୍ର ପ୍ରକଳ୍ପରେ କାମ ଜାରିରଖିଥିଲେ। ଶ୍ୟାମ ବେନେଗାଲଙ୍କ ଚଳଚ୍ଚିତ୍ର ୮ଟି ଜାତୀୟ ପୁରସ୍କାର ଜିତିଥିଲା। ସେ ଜୁବେଇଦା, ଦ ମେକିଂ ଅଫ୍ ଦି ମହାତ୍ମା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ: ଦି ଫରଗଟେନ ହିରୋ, ମଣ୍ଡି, ଅରୋହନ, ଲେକମ ଟୁ ସଜ୍ଜନପୁର ଭଳି ଅନେକ ମହାନ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି।

୫ମ ଓ ୮ମ ଶ୍ରେଣୀ ଆସିଲା ନୂଆ ନିୟମ

ନୂଆଦିଲ୍ଲୀ, ୨୩।୧୨: ଶିକ୍ଷାର ମାନ ବୃଦ୍ଧି ପାଇଁ କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ନେଉଥିଲା ବେଳେ ଆଉ ଏକ ନିୟମକୁ କଡ଼ାକଡ଼ି କରିଛନ୍ତି। ଏଣିକି ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଫେଲ୍ ହେଲେ ସେମାନଙ୍କୁ ଆଉ ବର୍ଷେ ସମାନ ଶ୍ରେଣୀରେ ପଢିବାକୁ ହେବ। ପୂର୍ବରୁ ଲାଗୁ ଥିବା ନିୟମକୁ ପରିବର୍ତ୍ତନ କରି ସରକାର ଏହି ଆଇନ ଆଣିଛନ୍ତି। ଅର୍ଥାତ ଫେଲ୍ ହେଲେ ପରବର୍ତ୍ତୀ ଶ୍ରେଣୀକୁ ଯାଇ ପାରିବେ ନାହିଁ। ଏନେଇ ସୂଚନା କେନ୍ଦ୍ର ଶିକ୍ଷା ସଚିବ ସଞ୍ଜୟ କୁମାର ସୂଚନା ଦେଇଛନ୍ତି ।ତେବେ ଯେଉଁ ଛାତ୍ରୀଛାତ୍ରମାନେ ପଞ୍ଚମ ଓ ଅଷ୍ଟମରେ ଫେଲ୍ ହେବେ ସେମାନଙ୍କୁ ୨ ମାସରେ ରିଟେଷ୍ଟ ସୁଯୋଗ ମିଳିବ। ଯେଉଁମାନେ ରିଟେଷ୍ଟରେ ଉତ୍ତୀର୍ଣ୍ଣ ନ ହେଲେ ସେହି ପୁରୁଣା ଶ୍ରେଣୀରେ ରହିବେ। କିନ୍ତୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ସ୍କୁଲରୁ ବାହାର କରାଯାଇପାରିବନି। ଶିକ୍ଷାର ମାନ ବୃଦ୍ଧି ପାଇଁ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଥିବା ଶିକ୍ଷା ସଚିବ କହିଛନ୍ତି ।ଶିକ୍ଷା ଅଧିକାରୀ ଆଇନ ୨୦୧୯ରେ ସଂଶୋଧନ କରି ୧୬ ରାଜ୍ୟ ଓ ୨ କେନ୍ଦ୍ର ଶାସିତ ଅଞ୍ଚଳର ସ୍କୁଲ ଗୁଡ଼ିକ ଫେଲ୍ ନ ହେବା କଟକଣାକୁ ହଟାଇ ଦେଇଛନ୍ତି। ସେମାନେ ମଧ୍ୟ ୫ମ ଓ ୮ମ ଶ୍ରେଣୀ ପାଇଁ ଏହି ନିୟମ ଲାଗୁ କରିଛନ୍ତି ।ସରକାରୀ ବିଜ୍ଞପ୍ତିରେ କୁହାଯାଇଛି ଯେ ଯଦି କୌଣସି ଶିକ୍ଷାର୍ଥୀ ବାର୍ଷିକ ପରୀକ୍ଷାରେ କୃତ୍ତକାର୍ଯ୍ୟ ହୋଇ ପାରୁ ନାହାନ୍ତି, ତା'ହେଲେ ସେମାନଙ୍କୁ ବା ତାଙ୍କୁ ରେଜଲ୍ଟ ବାହାରିବାର ୨ ମାସ ମଧ୍ୟରେ ଅତିରିକ୍ତ କୋଚିଂ ଓ ପୁନଃ ପରୀକ୍ଷା ଦେବାର ସୁଯୋଗ ମିଳିବ। କିନ୍ତୁ ପୁନଃ ପରୀକ୍ଷାରେ ଶିକ୍ଷାର୍ଥୀ ଜଣଙ୍କ ବା ଶିକ୍ଷାର୍ଥୀମାନେ ପାସ୍ କରିପାରିଲେ ନାହିଁ, ତା'ହେଲେ ତାଙ୍କୁ ପୁଣି ୫ମ କିମ୍ବା ୮ମ ଶ୍ରେଣୀରେ ରହିବାକୁ ପଡ଼ିବ ।ଏହି ସମୟରେ ଶ୍ରେଣୀ ଶିକ୍ଷକ କିମ୍ବା ଶ୍ରେଣୀ ଶିକ୍ଷୟିତ୍ରୀ ପିଲାଟି କେମିତି ପାସ୍ କରିବ, ସେନେଇ ଉଦ୍ୟମ କରିବେ। ତାଙ୍କୁ ଆବଶ୍ୟକ କୋଚିଂ ମଧ୍ୟ ଯୋଗାଇ ଦେବେ। ତେବେ ଶିକ୍ଷା ସପ୍ତାହ ନ ହେବା ଯାଏ କୌଣସି ସ୍କୁଲ ପକ୍ଷରୁ ପିଲାଙ୍କୁ ବହିଷ୍କୃତ କରାଯାଇ ପାରିବ ନାହିଁ ବୋଲି ସରକାର ସ୍ପଷ୍ଟ ଭାବେ କହିଛନ୍ତି।

ଫଡନାଭିସ୍‌ଙ୍କୁ ଭେଟିଲେ ଭୁଜବଳ

ନୂଆଦିଲ୍ଲୀ,୨୩।୧୨: ଏନସିପି ନେତା ଛଗନ ଭୁଜବଳ ବିଜେପିରେ ଯୋଗଦେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।ମହାରାଷ୍ଟ୍ରର ନୂତନ ମହାୟୁତି ସରକାରରେ ଅନ୍ତର୍ଭୁକ୍ତ ନ ହେବା ନେଇ ଅସନ୍ତୁଷ୍ଟ ଥିବା ବରିଷ୍ଠ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନସିପି) ନେତା ଛଗନ ଭୁଜବଳ ସୋମବାର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍‌ଙ୍କୁ ଭେଟିଛନ୍ତି । ଏହି ବୈଠକ ପରେ ଭୁଜବଳ ଗଣମାଧ୍ୟମକୁ କହିଛନ୍ତି ଯେ, ସେ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟର ରାଜନୈତିକ ତଥା ସାମାଜିକ ପରିବେଶ ବିଷୟରେ ବିସ୍ତୃତ

ଆଲୋଚନା କରିଛନ୍ତି । ମୁମ୍ବାଇର ସାଗର ବଙ୍ଗଳାଠାରେ ପ୍ରାୟ ଅଧ ଘଣ୍ଟା ଧରି ତାଙ୍କ ସହ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ବୈଠକ ସମୟରେ ପୂର୍ବତନ ମନ୍ତ୍ରୀ ଭୁଜବଳ ତାଙ୍କ ପୁତୁରା ସମୀର ଭୁଜବଳଙ୍କ ସହ ଥିଲେ । ତେବେ ଫଡନାଭିସ୍‌ଙ୍କୁ ଭେଟିବା ପରେ ଛଗନ ଭୁଜବଳ ବିଜେପିରେ ଯୋଗଦେବା ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି । ଏନେଇ ରାଜ୍ୟ ରାଜନୀତିରେ ଉଷ୍ମତା ବୃଦ୍ଧି ପାଇଛି । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍‌ଙ୍କ ସହ ତାଙ୍କର ବୈଠକ ନେଇ ପ୍ରଶ୍ନର ଉତ୍ତରରେ ବରିଷ୍ଠ ଏନସିପି ନେତା ଭୁଜବଳ କହିଛନ୍ତି, ଫଡନାଭିସ୍ ମୋତେ କହିଥିଲେ ଯେ, ବିଧାନସଭା ନିର୍ବାଚନରେ ମହାୟୁତିର ବିଜୟରେ ଅନ୍ୟ ପଛୁଆ ବର୍ଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ଏବଂ ସେ ଓବିସି ସମ୍ପ୍ରଦାୟର ସ୍ୱାର୍ଥ ପ୍ରତି ଧ୍ୟାନ ଦେବେ । ଓବିସି ସମ୍ପ୍ରଦାୟର ସ୍ୱାର୍ଥ ଯେପରି ପ୍ରଭାବିତ ହେବ ନାହିଁ ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତିୟ । ଓବିସିଙ୍କ ସହ ଜଡିତ ପ୍ରସଙ୍ଗଗୁଡ଼ିକ ଉପରେ ବିଚାର କରିବାକୁ ମୁଖ୍ୟମନ୍ତ୍ରୀ କିଛି ସମୟ ମାଗିଛନ୍ତି ବୋଲି ଭୁଜବଳ କହିଛନ୍ତିୟ । ଫଡନାଭିସ୍ କହିଛନ୍ତି ଯେ, ସେ ୧୦-୧୨ ଦିନ ମଧ୍ୟରେ ନିଷ୍ପତ୍ତି ନେବେ । ଓବିସି ନେତାମାନେ ଅନ୍ୟ ପଛୁଆ ବର୍ଗ ଶ୍ରେଣୀରେ ମରାଠା ସମ୍ପ୍ରଦାୟକୁ ସଂରକ୍ଷଣ ପ୍ରଦାନ କରିବାକୁ କାର୍ଯ୍ୟକର୍ତ୍ତା ମନୋଜ ଜାରେଞ୍ଜଙ୍କ ଦାବି ବିରୁଦ୍ଧରେ ଅଛନ୍ତି । ଭୁଜବଳ ମଧ୍ୟ ଏହି ଦାବିକୁ ବିରୋଧ କରୁଛନ୍ତି । ଯେତେବେଳେ ଭୁଜବଳଙ୍କୁ ପଚରାଯାଇଥିଲା ଯେ, ସେ ବିଜେପିରେ ଯୋଗଦେବାକୁ ଯୋଜନା କରୁଛନ୍ତି କି, ସେ କିଛି ବିସ୍ତୃତ ଭାବରେ କହି ନ ଥିଲେ । କିନ୍ତୁ କ୍ୟାବିନେଟ ବିସ୍ତାରରେ ତାଙ୍କୁ ଅଣଦେଖା କରାଯିବା ନେଇ ସେ ନିଜର ମତ ପ୍ରକାଶ କରିସାରିଛନ୍ତି ।

ପୂଜା ଖେଡକରଙ୍କୁ ହାଇକୋର୍ଟ ଝଟକା

ନୂଆଦିଲ୍ଲୀ,୨୩।୧୨: ଗିରଫ ହେବେ ପୂଜା ଖେଡକର । ଆଇଏଏସ ଚାକିରିରେ ଜାଲିଆତି ଅଭିଯୋଗରେ ଖୁବଶୀଘ୍ର ଗିରଫ ହୋଇପାରନ୍ତି ପୂଜା ଖେଡକର । ଜାଲିଆତି ମାମଲାରେ ଦିଲ୍ଲୀ ହାଇକୋର୍ଟରେ ଲାଗିଛି ପୂଜାଙ୍କୁ ଝଟକା ।ପୂଜା ଖେଡକରଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି ଦିଲ୍ଲୀ ହାଇକୋର୍ଟ । ଶୁଣାଣି ବେଳେ ଜଷ୍ଟିସ ଚନ୍ଦ୍ରଧାରୀ ସିଂହ କହିଛନ୍ତି,

ପୂଜାଙ୍କ ମାମଲାର ତଦନ୍ତ ଜରୁରୀ ଅଟେ । ଦେଶର ସାମ୍ବିଧାନିକ ବ୍ୟବସ୍ଥା ସହ ଚରମ ଜାଲିଆତି କରିଛନ୍ତି ପୂଜା । ତେବେ କୋର୍ଟଙ୍କ ଏହି ରାୟ ପରେ ପୂଜାଙ୍କ ଗିରଫଦାରୀ ଏବେ କେହି ଅଟକାଇପାରିବେନି ବୋଲି କୁହାଯାଉଛି । ତେବେ ଏହି ଘଟଣାରେ କେବଳ ପୂଜା ଏକା ଥିଲେ ନା ଆହୁରି ବି ସାମିଲ ଅଛନ୍ତି ସେନେଇ ତଦନ୍ତ ଜାରି ରହିଛି । ଆଇଏଏସ ଚାକିରି ପାଇବା ପାଇଁ ପୂଜା ଖେଡକର ନକଲି ଅକ୍ଷମତା ତଥା ଓବିସି ପ୍ରମାଣପତ୍ର ଜମା କରି ଧରାପଡିଥିଲେ । ଯାଂଚ ତେବେ ସେ ଅସଲି ପ୍ରମାଣପତ୍ର ଜମା କରିବାରେ ଅସମର୍ଥ ହୋଇଥିଲେ । ଯେଉଁଥି ପାଇଁ ତାଙ୍କ ପ୍ରାର୍ଥୀତ୍ୱକୁ ରଦ୍ଦ ଘୋଷଣା କରିଥିଲା ୟୁପିଏସସି ଓ ତାଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା ।

୨୪ ଘଣ୍ଟାରେ ନିୟମ ବଦଳାଇ ଆଗାମୀ ଦୁର୍ନୀତି ପାଇଁ ସରକାରଙ୍କ ଯୋଜନା

ମୁମ୍ବାଇ,୨୩।୧୨: ନିର୍ବାଚନ ଆଚରଣ ବିଧିରେ ସମ୍ପ୍ରତି ହୋଇଥିବା ପରିବର୍ତ୍ତନ ଯୋଗୁ ବିରୋଧୀ ରାଜନେତିକ ଦଳମାନେ ସ୍ୱର ଉତ୍ତୋଳନ କରିଛନ୍ତି । ନିର୍ବାଚନ ଆୟୋଗ ମହାରାଷ୍ଟ୍ର ବିଧାନସଭା ବିଷୟରେ ସୂଚନା ନ ଦେବାକୁ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି । ଏନେଇ ଶିବସେନା ୟୁବିଟି ନେତା ସଞ୍ଜୟ ରାଉତ ଏହାକୁ ଗଣତନ୍ତ୍ରର ହତ୍ୟା ବୋଲି କହିଛନ୍ତି । ନିର୍ବାଚନ ଆଚରଣ ସଂହିତା ପରିବର୍ତ୍ତନ ବିଷୟରେ କହି ରାଉତ କହିଛନ୍ତି ଯେ, ଏହା ଗଣତନ୍ତ୍ରର ହତ୍ୟା । ପ୍ରସ୍ତୁତ କରାଯାଇଥିବା ନିୟମ ଅନୁଯାୟୀ ଆମେ ନିର୍ବାଚନ ଆୟୋଗଙ୍କ ନିକଟକୁ ଯାଇ ସୂଚନା ମାଗି ପାରିବୁ ନାହିଁ । ବର୍ତ୍ତମାନ ଆମେ ନିର୍ବାଚନ ଆୟୋଗଙ୍କ ଠାରୁ କୌଣସି ପ୍ରକାର ସୂଚନା ଦାବି କରି ପାରିବୁ ନାହିଁ। ସେ କହିଛନ୍ତି ଏହା ଏକଛତ୍ରବାଦୀ ଶାସନ । ଆମ କାହିଁକି ପଚାରିବୁ ନାହିଁ ? ଯଦି ଆପଣ ଚାହାନ୍ତି ଯେ ଆମେ ଆପଣଙ୍କୁ ସୂଚନା ମାଗିବୁ ନାହିଁ, ତେବେ ସର୍ବପ୍ରଥମେ ଆପଣ ଇଭିଏମ୍ ଅପସାରଣ କରନ୍ତୁ ଏବଂ ବାଲାଟ ପେପରରେ ନିର୍ବାଚନ କରନ୍ତୁ । ସିସିଟିଭି ଫୁଟେଜ ଏବଂ ନିର୍ବାଚନ ଡକ୍ୟୁମେଣ୍ଟ ମାଗିବା ଏକ ସାମ୍ବିଧାନିକ ଅଧିକାର । ଏହାକୁ ନିର୍ବାଚନ ଆୟୋଗଙ୍କ ଠାରୁ ଦାବି କରାଯାଇ ପାରିବ । ଏହି ନିୟମ ବଦଳାଇବା ଅତ୍ୟନ୍ତ ନିନ୍ଦନୀୟ

ବୋଲି ସେ ଅଭିଯୋଗ କରିଛନ୍ତି । ଆମେ କୌଣସି ସୂଚନା ମାଗିବୁ ନାହିଁ । ଆପଣ ଜନସାଧାରଣଙ୍କଠାରୁ କ'ଣ ଲୁଚାଇବାକୁ ଚାହୁଁଛନ୍ତି ? ଆବାକୁ ଚେଷ୍ଟା କରିଥିଲେ । ସେ ସିସିଟିଭି ଫୁଟେଜ ମାଗିଥିଲେ । ଏହା ପରେ ନିର୍ବାଚନ ଆୟୋଗ ନିୟମ ପରିବର୍ତ୍ତନ କରିଥିଲେ । ଏହା କି ପ୍ରକାର ଏକଛତ୍ରବାଦୀ ଶାସନ ? ଦେଶରେ ଗଣତନ୍ତ୍ର ଅଛି । ସେଥିପାଇଁ ଆମେ କହୁଛୁ ଏହି ଲୋକମାନେ ଡକ୍ଟର ବାବାସାହେବ ଆମ୍ବେଦକରଙ୍କ ଦ୍ୱାରା ଲିଖିତ ସମ୍ବିଧାନର ବିରୋଧୀ । ନିଜର ଅଧିକାର ବିଷୟରେ ବର୍ଣ୍ଣନା କରି ସେ କହିଛନ୍ତି, ଆମର ଭୋଟ୍ ସହିତ କ'ଣ ହୋଇଛି ତାହା ଜାଣିବାର ଅଧିକାର ଆମର ଅଛି । ଆମର ଭୋଟ୍ କୁଆଡେ ଗଲା ତାହା ଜାଣିବା ଜରୁରୀ । ସେ କହିଛନ୍ତି ଯେ, ମହାରାଷ୍ଟ୍ର ନିର୍ବାଚନରେ ହୋଇଥିବା ଅନିୟମିତତାକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗ ତୁରନ୍ତ ଗୃହମନ୍ତ୍ରୀ ଅମିତ ଶାହା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସୁପାରିଶ କରିଛନ୍ତି, ଯାହା ପରେ ୨୪ ଘଣ୍ଟା ମଧ୍ୟରେ ଆଇନ ପରିବର୍ତ୍ତନ କରାଯାଇଛି । ଭବିଷ୍ୟତରେ ସରକାର ଅନେକ ଦୁର୍ନୀତି କରିବାକୁ ଯାଉଛନ୍ତି ଏବଂ ଏଥିପାଇଁ ପ୍ରସ୍ତୁତ ହେଉଛନ୍ତି।

ଭାରତ ପାଖରେ ବାଂଲାଦେଶର ୟୁନିସ ସରକାରଙ୍କ ଦାବି

ଶେଖ ହସିନାଙ୍କୁ ଫେରାଇ ଦିଅ

ନୂଆଦିଲ୍ଲୀ,୨୩।୧୨ : ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପ୍ରତ୍ୟର୍ପଣ ଦାବିରେ ବାଂଲାଦେଶ ଭାରତକୁ ଏକ ଚିଠି ଲେଖିଛି । ବାଂଲାଦେଶର ବୈଦେଶିକ ବ୍ୟାପାର ପରାମର୍ଶଦାତା ତାହିଦ୍ ହୁସେନ୍ କହିଛନ୍ତି ଯେ 'ଆମେ ଭାରତ ସରକାରଙ୍କୁ କହିଛୁ ଯେ ନ୍ୟାୟିକ ପ୍ରକ୍ରିୟା ପାଇଁ ଶେଖ ହସିନାଙ୍କୁ ବାଂଲାଦେଶକୁ ଫଠାଇଦିଅନ୍ତୁ ।' ସୋମବାର ଗୃହ ବ୍ୟାପାର ପରାମର୍ଶଦାତା ଜାହାଙ୍ଗୀର ଆଲାମ କହିଛନ୍ତି ଯେ ତାଙ୍କ ମନ୍ତ୍ରଣାଳୟ ବୈଦେଶିକ ମନ୍ତ୍ରଣାଳୟକୁ ଚିଠି ଲେଖି ପଳାୟନ କରିଥିବା ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଭାରତରୁ ଫେରାଇ ଆଣିବାକୁ ଦାବି କରିଛି । ୨୦୧୩ ରେ ଭାରତ ଏବଂ ବାଂଲାଦେଶ ସରକାରଙ୍କ ମଧ୍ୟରେ ପ୍ରତ୍ୟାର୍ପଣ ସମ୍ପର୍କରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ୨୦୧୩ ପରଠାରୁ ଭାରତ ମଧ୍ୟରେ ଏକ ଚୁକ୍ତିନାମା ହୋଇଥିଲା ଯେ ଅଭିଯୁକ୍ତ କିମ୍ବା ପଳାତକଏବଂ ବନ୍ଦୀମାନଙ୍କୁ ପରସ୍ପରକୁ 'ପ୍ରତ୍ୟର୍ପଣ ଅପରାଧ ମାମଲା'ରେ ହସ୍ତାନ୍ତର କରାଯିବ । ବାଂଲାଦେଶ ସରକାର କହିଛନ୍ତି ଯେ ଏହି ଚୁକ୍ତିନାମା ଅନୁଯାୟୀ

ବାଂଲାଦେଶ ଏହାର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପ୍ରତ୍ୟର୍ପଣ ଦାବି କରୁଛି। ଅବଶ୍ୟ ଏହି ପ୍ରତ୍ୟର୍ପଣ ଚୁକ୍ତିନାମାର ଏକ ଧାରାରେ କୁହାଯାଇଛି ଯେ ଯଦି ପ୍ରତ୍ୟର୍ପଣ କରାଯିବାକୁ ଥିବା ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ ରାଜନୈତିକ ପ୍ରକୃତିର ଅଟେ, ତେବେ ଏହି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇପାରିବ । ଭାରତ ଏବଂ ବାଂଲାଦେଶ ମଧ୍ୟରେ ପ୍ରତ୍ୟର୍ପଣ ଚୁକ୍ତି ରାଜନୈତିକ ମାମଲା ବ୍ୟତୀତ ଅପରାଧରେ ଜଡ଼ିତ ବ୍ୟକ୍ତିବିଶେଷଙ୍କ ପ୍ରତ୍ୟର୍ପଣ ପାଇଁ ଅନୁମତି ଦେଇଥାଏ । ଏହି ଅପରାଧରେ ଆତଙ୍କବାଦ, ବୋମା ବିସ୍ଫୋରଣ, ହତ୍ୟା ଏବଂ ନିଖୋଜ ଭଳି ଅପରାଧ ସାମିଲ ଥିଲା। ତେବେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ ବହୁ ହତ୍ୟା, ଲୁଟ୍ ଓ ଜାଲିଆତି ଅଭିଯୋଗ ଆସିଛି । ଏହା ବ୍ୟତୀତ ବାଂଲାଦେଶର ଏକ କମିଶନ ମଧ୍ୟ ଏହାର ଅନୁସନ୍ଧାନ ରିପୋର୍ଟରେ କିଛି ମୁଖ୍ୟ ଲୋକଙ୍କୁ ଲୁଚେଇଥିବା କିମ୍ବା ବାହାରକୁ ଲୁଚାଇଦେଇଥିବା ଅଭିଯୋଗ କରିଛନ୍ତି । 'ଅନ୍ଫୋଲ୍ଡିଂ ଦ ଟ୍ରୁଥ୍' ନାମକ ଏହି ରିପୋର୍ଟରେ ଶେଖ ହସିନା ବାଂଲାଦେଶର କିଛି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱଙ୍କୁ ଗାଏବ କରିଥିବାର ଅଭିଯୋଗ ହୋଇଛି ।

ଯୋଗୀଙ୍କୁ ଅଖିଳେଶଙ୍କ କଟାକ୍ଷ

ଲକ୍ଷ୍ନୌ,୨୩।୧୨: ସମାଜବାଦୀ ପାର୍ଟିର ସଭାପତି ତଥା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ସୋମବାର ରାଜ୍ୟ ସରକାରଙ୍କ ଆଇନ ଶୃଙ୍ଖଳା ସ୍ଥିତିକୁ ଟାର୍ଗେଟ କରି କହିଛନ୍ତି ଯେ 'ସହଜରେ ଅପରାଧ କରିବା' ରେ ଉତ୍ତରପ୍ରଦେଶ ଏବେ ଦେଶରେ ଏକ ନମ୍ବର ସ୍ଥାନରେ ରହିଛି । ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏସପି

ମୁଖ୍ୟ ଲକ୍ଷ୍ନୌ ଏବଂ ସାହାରନପୁରରେ ହୋଇଥିବା ଚୋରି ଓ ଡକାୟତି ଘଟଣା ସମ୍ପର୍କରେ କହିଛନ୍ତି ଯେ, ସହଜରେ ଅପରାଧ ଘଟାଇବାରେ ୟୁପି ବର୍ତ୍ତମାନ ଏକ ନମ୍ବର ସ୍ଥାନରେ ରହିଛି । ଏହି ପୋଷ୍ଟରେ ଯାଦବ ରାଜ୍ୟ ରାଜଧାନୀର ଚିନହଟ ଅଞ୍ଚଳରେ ଥିବା ଏକ ବ୍ୟାଙ୍କରେ ବଡ଼ ଧରଣର ଡକାୟତିର ଫଟୋ ସେୟାର କରି କହିଛନ୍ତି, ଆଜିର ଏପିସୋଡ୍ ଲକ୍ଷ୍ନୌର ଓଭରସିଜ୍ ବ୍ୟାଙ୍କ, ଯେଉଁଠାରେ ଲକର କାଟି ମୂଲ୍ୟବାନ ସମ୍ପତ୍ତି ଚୋରି ହୋଇଛି । ଗତକାଲି ସାହାରନପୁରରେ ଏକ ବ୍ୟାଙ୍କ ଲୁଟ୍ ହୋଇଥିଲା । ଅଖିଳେଶ ସାହାରନପୁର ଡକାୟତିର ଭିଡିଓକୁ ଏକ ପୃଥକ ପୋଷ୍ଟରେ ସେୟାର କରିଛନ୍ତି । ଲକ୍ଷ୍ନୌରେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ଚିନହଟ୍ ଶାଖାର କିଛି ଲକର ଭଙ୍ଗା ଯାଇଥିବା ବେଳେ ବହୁ ସାମଗ୍ରୀ ନିଖୋଜ ଥିବା ଜଣାପଡିଛି । ଲକ୍ଷ୍ନୌର ମଟିୟାରିରେ ଅବସ୍ଥିତ ଶାଖାରେ ଏହି ଚୋରି ହୋଇଥିଲା । ବ୍ୟାଙ୍କ ମ୍ୟାନେଜର ସନ୍ଦୀପ ସିଂ କହିଛନ୍ତି ଯେ, ସେ ସନ୍ଦେହ କରୁଛନ୍ତି ଚୋରମାନେ ବ୍ୟାଙ୍କର ଖାଲି ଜମି କାନ୍ଥରେ କଡ଼ କଣା କରି ବିଲଡିଂ ଭିତରେ ଚୋରି କରିଛନ୍ତି । ପୁଲିସ କହିଛି , ଏହି କାମରେ ଚାରି ଜଣ ଲୋକ ଜଡିତ ଥିବା ଜଣାପଡିଛି ।

୬୫ ନୂଆ ଔଷଧର ଖୁଚୁରା ମୂଲ୍ୟ ନିର୍ଦ୍ଧାରଣ କଲେ ଏନ୍‌ପିପିଏ

ନୂଆଦିଲ୍ଲୀ,୨୩।୧୨: ନ୍ୟାଶନାଲ ଫାର୍ମାସିଟିକାଲ ଅଥରିଟି (ଏନ୍ପିପିଏ) ୬୫ ନୂଆ ଔଷଧର ଖୁଚୁରା ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି । ସେହିଭଳି ୨୦ ଫର୍ମୁଲେସନର ମୂଲ୍ୟ ସୀମା ମଧ୍ୟ ନିର୍ଦ୍ଧାରଣ ହୋଇଛି । ପାଇକାରୀ ମୂଲ୍ୟ ସୂଚକାଙ୍କକୁ ନଜରରେ ରଖି ଅନ୍ୟ ଔଷଧର ସିଲିଂ ମୂଲ୍ୟରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ନିକଟରେ ଅନୁଷ୍ଠିତ ବୈଠକରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଟାଇପ ୨ ଡାଇବେଟିସ, ଉଚ୍ଚ କଲେଷ୍ଟ୍ରଲ, ବ୍ୟାକ୍ଟେରିଆ। ସଂକ୍ରମଣ, ପେନ୍କିଲର ଭଳି ମେଡିସନ ଗୁଡିକର ମୂଲ୍ୟ ନିର୍ଦ୍ଧାରଣ କରାଯାଇଥିବା ବେଳେ ଟିଟାନସ, ରାବିଜ, ମିଳିମିଳା ଭଳି ମେଡିସିନ ଗୁଡିକର ମୂଲ୍ୟ ସୀମାରେ ପରିବର୍ତ୍ତନ ହୋଇଛି । ବଜାର ସ୍ଥିତିକୁ ନଜରରେ ମୂଲ୍ୟ ନିର୍ଦ୍ଧାରଣ ଏବଂ ପରିବର୍ତ୍ତନ କରିଥାଏ ଏନ୍ପିପିଏ । ଉଚ୍ଚ କଲେଷ୍ଟ୍ରଲ ପାଇଁ ବ୍ୟବହାର ହେଉଥିବା ଫିକ୍ସଡ କମ୍ବିନେସ ଡ୍ରଗ (ଏଫ୍‌ଡିସି) ଆଟୋଭାଷ୍ଟାଟିନ ଏବଂ ଏଜେଟିମାଇବ ଭଳି ମେଡିସିନର ମୂଲ୍ୟ ନିର୍ଦ୍ଧାରଣ ହୋଇଛି । ସେହିଭଳି ଏହି ତାଲିକାରେ ବ୍ୟାଟେକ୍ଟରିଆ ସଂକ୍ରମଣ କ୍ଷେତ୍ରରେ ସିନୁସାଇଟିସ, ଗ୍ଲାଇକ୍ଲାଡାଇଜ, ଟାଇପ ୨ ଡାଇବେଟିସ ଲାଗି ବ୍ୟବହାର ହେଉଥିବା ମେଟ୍ଫୋରମିନ ହାଇଡ୍ରୋକ୍ଲୋରାଇଡ ଏବଂ ଭିଟାମିନ ଡି୩ ଟାବଲେଟ ରହିଛି ।

ଆମେରିକା ଗସ୍ତରେ ଯିବେ ଏସ ଜୟଶଙ୍କର

ନୂଆଦିଲ୍ଲୀ,୨୩।୧୨: ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ପାଞ୍ଚ ଦିନିଆ ଆମେରିକା ଗସ୍ତରେ ଯାଉଛନ୍ତି । ଆସନ୍ତା ଡିସେମ୍ବର ୨୪ ତାରିଖରୁ ୨୯ ତାରିଖ ଯାଏ ସେ ଆମେରିକାରେ ଗସ୍ତ ରହିବା ସହିତ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ବନ୍ଧକୁ ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଆମେରିକାରେ ଦ୍ୱିତୀୟ ଥର ଟ୍ରମ୍ପ ସରକାର ଆସିବା ପରେ ଭାରତ ପକ୍ଷରୁ ଏହା ପ୍ରଥମ ଉଚ୍ଚ-ସ୍ତରିୟ ବୈଠକ ହେବାକୁ ଯାଉଛି । ଏହି ଗସ୍ତରେ ଜୟଶଙ୍କର ଉଭୟଦେଶର ଦ୍ୱିପାକ୍ଷିକ ସମ୍ପର୍କ ସହ ଆଞ୍ଚଳିକ ଓ ବୈଶ୍ୱିକ ସମସ୍ୟାକୁ ନେଇ ଆଲୋଚନା କରିବାକୁ ଯାଉଛନ୍ତି ବୋଲି ସୁଚନା ରହିଛି । ଏହି ଆଲୋଚନାରେ ଭାରତ ଓ ଆମେରିକା ସମ୍ପର୍କକୁ ମଜବୁତ କରିବା ସହ ଉଭୟ ଦେଶ କିପରି ପାରସ୍ପରକୁ ବିଭିନ୍ନ କ୍ଷେତ୍ରରେ ସହଯୋଗ କରିପାରିବେ ତା ଉପରେ ଆଲୋଚନା ହେବ ବୋଲି ଆଶା କରାଯାଉଛି । ଏହି ଗସ୍ତ ଅବସରରେ ଜୟଶଙ୍କର ଆମେରିକାରେ ଭାରତର କନସୁଲ୍ ଜେନେରାଲ୍ସର ଏକ ସମ୍ମିଳନୀରେ ମଧ୍ୟ ଅଧ୍ୟକ୍ଷତା କରିବେ । ତେବେ ଆମେରିକାରେ ଟ୍ରମ୍ପ ସରକାର ଆସିବା ପରେ ସାରା ବିଶ୍ୱରେ ଏହାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି । ଏହି ସମୟରେ ଜୟଶଙ୍କର ଆମେରିକା ଗସ୍ତ କରୁଥିବାରୁ ଏହା ଉପରେ ସମସ୍ତଙ୍କ ନଜର ରହିଛି ।

ବ୍ରାଜିଲରେ ଭୟଙ୍କର ବିମାନ ଦୁର୍ଘଟଣା, ୧୦ ମୃତ

ନୂଆଦିଲ୍ଲୀ,୨୩।୧୨: ବ୍ରାଜିଲରେ ଭୟଙ୍କର ବିମାନ ଦୁର୍ଘଟଣା ।ଦୁର୍ଘଟଣାରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ବିମାନରେ ଥିବା ସମସ୍ତ ଯାତ୍ରୀଙ୍କର ମୃତ୍ୟୁ ହୋଇଛି । ଦକ୍ଷିଣବ୍ରାଜିଲ ଗ୍ରାମାଡୋରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ । ଘନ କୁହୁଡ଼ି ଯୋଗୁଁ ଏପରି ଘଟଣା ଘଟିଥିବା ଅନୁମାନ କରାଯାଉଛି। ସୂଚନା ଅନୁଯାୟୀ, ବିମାନ ଉଡାଣର ଅଳ୍ପ ସମୟ ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା । ଜଣେ ବ୍ୟବସାୟୀ କ୍ରିସମାସ ପାଳନ ପାଇଁ ନିଜ ପରିବାର ସହ ଯାଉଥିଲେ । ହେଲେ ଶୋକରେ ପରିଣତ ହେଲା କ୍ରିସମାସ ଖୁସି । ଏହି ଦୁର୍ଘଟଣାରେ ଗୋଟିଏ ପରିବାରର ୧୦ ଜଣଙ୍କ ମୃତ୍ୟୁ ହୋଇଛି । ବିମାନଟି ପ୍ରଥମେ ଗୋଟିଏ ଘରର ଚିମନିରେ ମାଡ଼ ହୋଇଥିଲା । ପରେ ଗୋଟିଏ ବିଲ୍ଡିଂର ଦ୍ୱିତୀୟ ମହଲାରେ ମାଡ଼ ହୋଇ ଏକ ଫର୍ଣ୍ଣିଚର ଦୋକାନ ଉପରେ ପଡ଼ିଥିଲା । ଏହି ଦୁର୍ଘଟଣାରେ ସେଠାରେ ଥିବା ପ୍ରାୟ ୧୭ରୁ ଅଧିକ ଲୋକ ଆହତ ହୋଇଛନ୍ତି । ସେମାନଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି ।

ପରିବେଶ ପାଇଁ ଠିକ୍ ନୁହେଁ ଇଲେକ୍ଟ୍ରିକ୍ ଗାଡି: ଜଗି ବାସୁଦେବ

ନୂଆଦିଲ୍ଲୀ,୨୩।୧୨: ଯେବେ ଭାରତରେ ପେଟ୍ରୋଲ ଓ ଡିଜେଲ ଗାଡ଼ି ଗୁଡ଼ିକର ସ୍ଥାନରେ ଇଲେକ୍ଟ୍ରିକ ଗାଡ଼ିକୁ ଆପଣାଇବା ଆଲୋଚନା ଚାଲିଛି , ସେତେବେଳେ ପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁ ଜଗି ବାସୁଦେବ ଏକ ଅଲଗା ଦୃଷ୍ଟିକୋଣରରେ ଏହି କଥା କହିଛନ୍ତି । ତାଙ୍କର କହିବାନୁସାରେ,ଇଲେଟ୍ରିକ୍ ଗାଡ଼ିରେ ପ୍ରଦୂଷଣ ହ୍ରାସ କରିବା ସମ୍ଭବ ନୁହେଁ । ବିଶେଷକରି ସେପର୍ଯ୍ୟନ୍ତ ଯେବେ ଯାଏ ଦେଶ ବିଦ୍ୟୁତ ଉତ୍ପାଦନ ପାଇଁ କୋଇଲା ଓ ଡିଜେଲ ଉପରେ ନିର୍ଭରଶୀଳ । ଏଚଟି ଅଟୋର ଏକ ରିପୋର୍ଟ ମୁତାବିକ, ଚିକ୍କବଲ୍ଲାପୁରରେ ୨୨ଡିସେମ୍ବରରେ ଏକ କାର୍ଯ୍ୟକ୍ରମ ବେଳେ ଇଶା ଫାଇଣ୍ଡେସନର ସଂସ୍ଥାପକ ଜଗି ବାସୁଦେବ କହି ଥିଲେ, ଇଲେକ୍ଟ୍ରିକ୍ ଗାଡ଼ିକୁ ପ୍ରଦୂଷଣ ହ୍ରାସ କରିବାର ଉଦ୍ଦେଶ୍ୟକୁ ଭାବିବା ବ୍ୟର୍ଥ , ଯେପର୍ଯ୍ୟନ୍ତ ବିଦ୍ୟୁତ ଉତ୍ପାଦନର ମୁଖ୍ୟ ଉତ୍ସ କୋଇଲା ଓ ଅନ୍ୟ ଜୀବାଶ୍ମ ଇନ୍ଧନ ହିଁ ଜାରି ରହିବ । ସେ କହିଛନ୍ତି କି ଇଭିରୁ ଧୂଆଁ ବାହାରି ନଥାଏ , ଏହା ସହର ବଜାର ପାଇଁ ଭଲ । ହେଲେ ପର୍ଯ୍ୟାବରଣର ଦୀର୍ଘକାଳିନ ସ୍ୱାସ୍ଥ୍ୟ ପାଇଁ ଏହା ଫଳପ୍ରଦ ନୁହେଁ । ଭାରତରେ ପ୍ରତି ବର୍ଷ ପାଖାପାଖି ୫୦ ପ୍ରତିଶତ ବିଦ୍ୟୁତ କୋଇଲାରୁ ଉତ୍ପନ୍ନ ହୋଇ ଥାଏ, ଯାହାକି ଡିଜେଲର ଯୋଗଦାନ ବହୁତ ହିଁ ସାମାନ୍ୟ । ଏହାର ତୁଳନାରେ ପବନ, ସୌର ଓ ଜଳ ବିଦ୍ୟୁତ ଭଳି ପର୍ଯ୍ୟାବରଣର ଅନୁକୂଳ ବିକଳ୍ପର ଯୋଗଦାନ ୪୧ପ୍ରତିଶତ ରହିଛି । ବାସୁଦେବଙ୍କର ଏହି ବୟାନ ଏକ ପୁରୁଣା ଯୁକ୍ତିକୁ ପୁଣି ଥରେ ଉଜାଗର କରିଛି । ଇଲେକ୍ଟ୍ରିକ୍ ଗାଡ଼ି ସେପର୍ଯ୍ୟନ୍ତ ପର୍ଯ୍ୟାବରଣର ଅନୁକୂଳ ହୋଇ ପାରିବ ନାହିଁ , ଯେପର୍ଯ୍ୟନ୍ତ ତାର ବ୍ୟାଟେରୀର ନିର୍ମାଣ ଓ ବିଦ୍ୟୁତର ଉତ୍ସ ପ୍ରଦୂଷଣ ମୁକ୍ତ ନୁହେଁ । ବ୍ୟାଟେରୀ ଆଦିରେ ବ୍ୟବହୃତ ହେଉଥିବା ଖଣିଜ ଓ ଏହାର ନିର୍ମାଣ ମଧ୍ୟ ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପକାଇ ଥାଏ । ଏହା ବ୍ୟତୀତ କୋଇଲାରୁ ଉତ୍ପନ୍ନ ବିଦ୍ୟୁତର ବ୍ୟବହାର ଇଭି ଚାର୍ଜିଂ ପାଇଁ କରାଯାଏ , ଯାହା ପରିବେଶ ପ୍ରଦୂଷଣକୁ ଜାରି ରଖି ଥାଏ । ସବୁଠୁ ମଜାଦାର କଥା ଏହା କି ଜଗି ବାସୁଦେବ ନିଜେ ଜଣେ ଅଟୋମୋବାଇଲ ପ୍ରେମୀ ଏବଂ ତାଙ୍କ ପାଖରେ ଅନେକ ଲଗଜରୀ ଗାଡ଼ି ଓ ବାଇକ୍ସ ରହିଛି,ଯାହା ପେଟ୍ରୋଲ ଓ ଡିଜେଲରେ ଚାଲିଥାଏ ।

ଦୁର୍ଘଟଣାରେ ୬ ମୃତ

ନୂଆଦିଲ୍ଲୀ,୨୩।୧୨: କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁରୁରେ ଏକ ହୃଦୟ ବିଦାରକ ଦୁର୍ଘଟଣା ଘଟିଛି । ସହରର ନେଲମଙ୍ଗଳା ଅଞ୍ଚଳରେ ଏକ ଭଲଭୋ କାର ଉପରେ ଏକ କଣ୍ଟେନର ଟ୍ରକ ଓଲଟି ପଡ଼ିବା କାରଣରୁ ୬ ଜଣଙ୍କର ମୃତ୍ୟୁ ଘଟିଛି । କୁହାଯାଉଛି କି କାରରେ ଏକ ଟେକ୍ କମ୍ପାନୀର ସିଇଓ ଥିଲେ, ଯିଏ ତାଙ୍କ ପରିବାର ସହିତ ବିଜୟପୁରକୁ ଯାଉଥିଲେ । ସୂଚନା ଅନୁଯାୟୀ, ଏହି ଦୁର୍ଘଟଣାରେ ସମସ୍ତ ୬ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣା ଯୋଗୁଁ କିଛି ସମୟ ପାଇଁ ରାସ୍ତା ଜାମ୍ ହୋଇଥିଲା । ଏହି ଘଟଣାରେ ଟ୍ରକର ଡ୍ରାଇଭରଙ୍କ ବିବୃତ୍ତି ମଧ୍ୟ ସାମ୍ନାକୁ ଆସିଛି । ଜଣେ ପୋଲିସ ଅଧିକାରୀ କହିଛନ୍ତି ଯେ, ଟ୍ରକଟି କାର ଉପରେ ପଡିଯାଇଥିଲା ଯେଉଁଥିପାଇଁ କାରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ଏବଂ ଏଥିରେ ବସିଥିବା ଲୋକଙ୍କ ମୃତଦେହ ମଧ୍ୟ କ୍ଷତବିକ୍ଷତ ହୋଇଯାଇଛି । ପୋଲିସ ଦେଇଥିବା ସୂଚନା ଅନୁଯାୟୀ ବେଙ୍ଗାଲୁରୁ ଉପକଣ୍ଠରେ ଥିବା ତାଲେକେର ନିକଟ ନେଲମଙ୍ଗାଲାରେ ଏହି ଦୁର୍ଘଟଣା ଘଟିଛି । ଏହି ଭୟଙ୍କର ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭର ଆରିଫ୍ କହିଛନ୍ତି ଯେ,ମୋ ଟ୍ରକ୍ ସାମ୍ନାରେ ଏକ କାର୍ ଯାଉଥିଲା ଏବଂ କାର୍ ଡ୍ରାଇଭର ହଠାତ ବ୍ରେକ୍ ଲଗାଇଥିଲେ । ଯେଉଁଥିପାଇଁ ମୁଁ ମୋ ଗାଡିର ନିୟନ୍ତ୍ରଣ ।ସେତେବେଳେ ମୁଁ ଘଣ୍ଟା ପ୍ରତି ୪୦ କିଲୋମିଟର ବେଗରେ ଚଳାଉଥିଲି । କାରକୁ ବଞ୍ଚାଇବା ପାଇଁ ମୁଁ ଷ୍ଟିଅରିଂକୁ ରାସ୍ତାର ଡାହାଣ ପାର୍ଶ୍ୱରେ ଥିବା ଡିଭାଇଡର୍ ଆଡକୁ ବୁଲାଇଥିଲି । କିନ୍ତୁ ତା'ପରେ ମୁଁ ଆଉ ଏକ କାର ଦେଖିଲି ଏବଂ ପୁନର୍ବାର ଟ୍ରକକୁ ବାମକୁ ବୁଲାଇଲି । ଏହି କାରଣରୁ ଟ୍ରକଟି ଓଲଟି ପଡିଥିଲା, ଟ୍ରକଟି ଇସ୍ପାତ ସାମଗ୍ରୀରେ ଭର୍ତ୍ତି ହୋଇଥିଲା ।

ତୁଷ୍ଟୀକରଣ ପାଇଁ ବୟାନ ଦେଉଛନ୍ତି ମୋହନ ଭାଗବତ

ନୂଆଦିଲ୍ଲୀ,୨୩।୧୨: ମନ୍ଦିର-ମସଜିଦ୍ ବିବାଦ ଦିନକୁ ଦିନ ନୂଆ ମୋଡ଼ ନେଉଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ କିଛିଦିନ ତଳେ ଏ ନେଇ ଉପୁଜିଥିବା ନୂଆ ବିବାଦକୁ ନେଇ ଏକ ମନ୍ତବ୍ୟ ଦେଇଥିଲେ। ମୋହନ ଭାଗବତ କହିଥିଲେ ଯେ ରାମ ମନ୍ଦିର ନିର୍ମାଣ ପରେ କିଛି ଲୋକ ଅନୁଭବ କରନ୍ତି ଯେ ସେମାନେ ନୂତନ ସ୍ଥାନରେ ସମାନ ପ୍ରସଙ୍ଗ ଉଠାଇ ହିନ୍ଦୁଙ୍କ ନେତା ହୋଇପାରିବେ, ଏହା ଗ୍ରହଣୀୟ ନୁହେଁ । କିନ୍ତୁ ଏହାକୁ ନେଇ ବିଭିନ୍ନ ମହଲରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି । ମୁସଲିମ ଧର୍ମଗୁରୁମାନେ ଏହାକୁ ସମର୍ଥନ କରିଥିବାବେଳେ ହିନ୍ଦୁମାନଙ୍କ ମଧ୍ୟରେ ଏହାକୁ ବିରୋଧ କରାଯାଉଛି । ହିନ୍ଦୁ ଧର୍ମଗୁରୁ ରାମଭଦ୍ରାଚାର୍ଯ୍ୟ ଆରଏସଏସ ଏବଂ ଭାଗବତଙ୍କ ବିରୋଧରେ ବଡ଼ ଅଭିଯୋଗ ଆଣିଛନ୍ତି। ରାମ ମନ୍ଦିର ନିର୍ମାଣରେ ସଂଘର କୌଣସି ଭୂମିକା ନାହିଁ ବୋଲି ସେ କହିଛନ୍ତି । ସଂଘ ନଥିବା ବେଳେ ମଧ୍ୟ ହିନ୍ଦୁଧର୍ମ ରହିଥିଲା । ରାମ ମନ୍ଦିର ଆନ୍ଦୋଳନରେ ସେମାନଙ୍କର କୌଣସି ଭୂମିକା ନାହିଁ, ଇତିହାସ ଏହାର ସାକ୍ଷୀ ବୋଲି ସେ କହିଛନ୍ତି।

ରାମଭଦ୍ରାଚାର୍ଯ୍ୟ ମଧ୍ୟ ରାମ ମନ୍ଦିରକୁ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି । ରାମ ମନ୍ଦିର ନିର୍ମାଣରେ ସଂଘର କୌଣସି ଭୂମିକା ନାହିଁ ବୋଲି ସେ କହିଛନ୍ତି । ସଂଘ ନଥିବା ବେଳେ ମଧ୍ୟ ହିନ୍ଦୁଧର୍ମ ରହିଥିଲା । ରାମ ମନ୍ଦିର ଆନ୍ଦୋଳନରେ ସେମାନଙ୍କର କୌଣସି ଭୂମିକା ନାହିଁ, ଇତିହାସ ଏହାର ସାକ୍ଷୀ । ଆମେ ସାକ୍ଷ୍ୟ ଦେଇଥିଲୁ, ଆମେ ୧୯୮୪ ରୁ ଲଢ଼ିଥିଲୁ, ଏଥିରେ ଆରଏସଏସର କୌଣସି ଭୂମିକା ନାହିଁ । ସମ୍ଭାଲରେ ଆରମ୍ଭ ହୋଇଥିବା ମନ୍ଦିର-ମସଜିଦ ବିବାଦ ଉପରେ ରାମଭଦ୍ରାଚାର୍ଯ୍ୟ କହିଛନ୍ତି ଯେ ଆମେ ଆମର ଅତୀତ ଚାହୁଁଛୁ, ସହଅସ୍ତିତ୍ୱର ଅର୍ଥ ସମସ୍ତେ ନିଜ ଧର୍ମ ଅନୁସରଣ କରନ୍ତୁ, ଯଦି ସେମାନେ ଆମର ମନ୍ଦିର ଭାଙ୍ଗିଛନ୍ତି, ତେବେ ଆମକୁ ମନ୍ଦିର ଦରକାର । ରାମଭଦ୍ରାଚାର୍ଯ୍ୟ କହିଛନ୍ତି ଯେ ମୋହନ ଭାଗବତ ହିନ୍ଦୁମାନଙ୍କର ଅନୁଶାସକ ହୋଇପାରିବେ ନାହିଁ, ଧର୍ମାଚାର୍ଯ୍ୟ ସେମାନଙ୍କର ଅନୁଶାସକ ହୋଇପାରନ୍ତି । ମୋହନ ଭାଗବତ ହିନ୍ଦୁ ଧର୍ମ ବିଷୟରେ ଅଧିକ ଜାଣନ୍ତି ନାହିଁ । ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ଧର୍ମ ଅନୁସରଣ କରିବାର ଅଧିକାର ରହିଛି । ତାଙ୍କର ଏହି ବୟାନ ଦୁର୍ଭାଗ୍ୟଜନକ । ସେ ତୁଷ୍ଟୀକରଣ ପାଇଁ ଏପରି ବୟାନ ଦେଉଛନ୍ତି ।

କାଜାନ ଉପରେ ଡ୍ରୋନ୍ ଆକ୍ରମଣର ପରିଣାମ ୟୁକ୍ରେନକୁ ଭୋଗିବାକୁ ପଡିବ: ପୁଟିନ

ନୂଆଦିଲ୍ଲୀ,୨୩।୧୨ : ଜେଲେନସ୍କିକୁ ଉଚିତ ଜବାବ ଦେବେ ପୁଟିନ । ରୁଷର କାଜାନ ସହରରେ ୟୁକ୍ରେନର ଆକ୍ରମଣ ଘଟଣା ପରେ ପ୍ରଥମ ପ୍ରତିକ୍ରିୟାରେ ରୁଷ ରାଷ୍ଟ୍ରପତି ବ୍ଲାଦିମିର ପୁଟିନ କହିଛନ୍ତି ଯେ, କାଜାନ ଉପରେ ଡ୍ରୋନ୍ ଆକ୍ରମଣର ପରିଣାମ ୟୁକ୍ରେନକୁ ଭୋଗିବାକୁ ପଡିବ। ରୁଷର କାଜାନରେ ଏକ ଆପାର୍ଟମେଣ୍ଟକୁ ଟାର୍ଗେଟ କରି ହମଲା କରିଥିଲା ୟୁକ୍ରେନ । ଡ୍ରୋନ୍ ଆକ୍ରମଣରେ ଆପାର୍ଟମେଣ୍ଟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ପ୍ରାୟ ହଜାରେ କିଲୋମିଟର ଦୂରକୁ ଟାର୍ଗେଟ କରି ଏହି ମାଡ଼ କରିଥିଲା ୟୁକ୍ରେନୟ ତେବେ ଏଥିଲାଗି ୟୁକ୍ରେନକୁ ଭୟଙ୍କର ପରିସ୍ଥିତିର ସାମ୍ନା କରିବାକୁ ପଡିବ । କାଜାନ ଆକ୍ରମଣ ତୁଳନାରେ ଅଧିକରୁ ଅଧିକ କ୍ଷତି ସହିବାକୁ ପଡିବ ବୋଲି କହିଛନ୍ତି ପୁଟିନ । ରୁଷର କାଜାନ୍ ସହର ଉପରେ ଭୟାବହ ଆକ୍ରମଣ କରିଥିଲା ୟୁକ୍ରେନ । ପ୍ରଚଣ୍ଡ ବିସ୍ଫୋରଣ ହେବା ସହ ଭୀଷଣ ଅଗ୍ନିକାଣ୍ଡ ଯୋଗୁଁ ବ୍ୟାପକ କ୍ଷତି ଘଟିଥିଲା । କାଜାନ ସହରରେ ୩ଟି କୋଠା ଉପରେ ଆକ୍ରମଣ କରିଥିଲା ୟୁକ୍ରେନ । ବିଶାଳ କୋଠାଗୁଡ଼ିକର ବିସ୍ଫୋରଣର ଦୃଶ୍ୟ ଆମେରିକାର ନ୍ୟୁୟର୍କରେ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ହୋଇଥିବା ଆକ୍ରମଣ ୯/୧୧ର ସଦୃଶ ଥିଲା ।

ସଂପାଦକୀୟ

ଅସଜଡ଼ା ଶିକ୍ଷା ଭିତିଭୂମି

ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ, କାର୍ଯ୍ୟକାରୀତା କରିବା ତୁଳନାରେ ଅଧିକାର ସାବ୍ୟସ୍ତ ସଂକ୍ରାନ୍ତୀୟ ଆଇନ ପ୍ରଣୟନ କରିବା ଅତ୍ୟନ୍ତ ସହଜ। ଆମ ଦେଶରେ ୬ରୁ ୧୪ବର୍ଷ ମଧ୍ୟରେ ମାଗଣା ଓ ସାର୍ବଜନୀନ ଶିକ୍ଷାକୁ ବାଧ୍ୟତାମୂଳକ କରିବା ପାଇଁ ଶିକ୍ଷା ଅଧିକାର(ରାଇଟ୍ ଟୁ ଏଜୁକେଶନ) ଆଇନ ପ୍ରଣୟନ ହୋଇଛି। ମାତ୍ର ଏହା ବର୍ତମାନ ସୁଦ୍ଧା ସଫଳ ଭାବେ କାର୍ଯ୍ୟକାରୀ ହୋଇନଥିବା କୁହାଯାଇପାରେ। ୬ରୁ ୧୪ବର୍ଷ ମଧ୍ୟରେ ପିଲାଙ୍କୁ ଶିକ୍ଷା ପ୍ରତି ଆଗ୍ରହ ବଢାଇବା ପାଇଁ ସରକାର ମାଗଣା ମଧ୍ୟାହ୍ନ ଭୋଜନ ସହ ମାଗଣାରେ ସ୍କୁଲ ୟୁନିଫର୍ମ, ବହିପତ୍ର ଯୋଗାଇ ଦେଇଥିବା ସତ୍ୱେ ସମସ୍ତଙ୍କୁ ଶିକ୍ଷା ବର୍ତମାନ ସୁଦ୍ଧା ସଫଳ ହୋଇପାରିନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ୨୦୨୪-୨୫ ଶିକ୍ଷାବର୍ଷକୁ ଗ୍ରହଣ କରାଯାଇପାରେ। ୨୦୨୪-୨୫ ଶିକ୍ଷାବର୍ଷର ପ୍ରଥମ ଆଠ ମାସରେ ୧.୧୭ ନିୟୁତ ପିଲା ସ୍କୁଲବାହାରେ ଥିବା ସରକାରୀ ତଥ୍ୟ କହେ। ପିଲାଙ୍କୁ ପାଠପଢା ପାଇଁ ଆଗ୍ରହ ସୃଷ୍ଟି କରିବା ସକାଶେ ବହୁ ଯୋଜନା ଓ ନୀତି ସତ୍ୱେ ଭାରତର ଶିକ୍ଷା ବ୍ୟବସ୍ଥାରେ ସ୍କୁଲ ବାହାରେ ପିଲା ରହିବା ବା ସ୍କୁଲ ନଯିବା ଏବେ ବଡ ଏକ ଅବାଧ ପ୍ରସଙ୍ଗ ହୋଇରହିଛି ବୋଲି କୁହାଯାଇପାରିବ। ଏହା ନିସନ୍ଦେହ ଯେ, ଦେଶରେ ଜନସଂଖ୍ୟା ଓ ବିଶାଳ ସଂଖ୍ୟକ ପିଲାଙ୍କ ସଂଖ୍ୟା ଦୃଷ୍ଟିରୁ ବହୁ ପିଲା ସ୍କୁଲ ବାହାରେ ରହିଯିବା ଅସ୍ୱାଭାବିକ ନୁହେଁ। ଚଳିତ ବର୍ଷ ଉତରପ୍ରଦେଶରେ ସ୍କୁଲ ବାହାରେ ୭,୮୪,୨୨୮ ପିଲା ରହିଯାଇଥିବାବେଳେ ଝାଡଖଣ୍ଡ ଓ ଆସାମରେ ୬୦ହଜାରରୁ ଉର୍ଦ୍ଧ୍ୱ ଲେଖାଏଁ ପିଲା ସ୍କୁଲ ବାରଣ୍ଡା ମାଡି ନଥିବା ସରକାରୀ ପରିସଂଖ୍ୟାନରୁ ଜଣାଯାଏ। ଯେଉଁମାନେ ସ୍କୁଲ ବାହାରେ ରହିଯାଇଛନ୍ତି, ପିଲାମାନଙ୍କ ପାଇଁ ଏହି ସଂଖ୍ୟା ଏକ ସତର୍କ ଘଂଟି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ପିଲାମାନେ କେବଳ ଶିକ୍ଷାରୁ ବଂଚିତ ହେଉନାହାଁନ୍ତି। ସେମାନେ ସେମାନଙ୍କର ପ୍ରତିଭା ବିକାଶ ତଥା ରୋଜଗାର (ଉପ୍ାର୍ଜନ) କରିବାର ଦକ୍ଷତା ହରାଉଛନ୍ତି ବୋଲି କୁହାଯାଇପାରେ। ଏହା ସେମାନଙ୍କ ଦାରିଦ୍ର୍ୟ ଏବଂ ସାମାଜିକ ଦକ୍ଷତା ଅଭାବକୁ ଚିରସ୍ଥାୟୀ କରିବା ଆଶଙ୍କାକୁ ଏଡାଇ ଦେଇ ହେବ ନାହିଁ। ସୂଚନାଯୋଗ୍ୟ ଯେ, ଜାତୀୟ ସାମ୍ପଲ ସର୍ଭେ (ଏନଏସଏସ) ରିପୋର୍ଟରେ କୁହାଯାଇଛି ଯେ, ୨୦୧୭-୧୮ ଶିକ୍ଷା ବର୍ଷରେ ୧୨.୪ ପ୍ରତିଶତ ପିଲା ସ୍କୁଲ ବାହାରେ ରହିଥିଲେ। ପରୀକ୍ଷାରେ ଉତମ ଫଳ ପ୍ରଦର୍ଶନ ସତ୍ୱେ ବାଳକଙ୍କ ତୁଳନାରେ ବହୁସଂଖ୍ୟାକ ବାଳିକା ଅଧାରୁ ପାଠଛାଡି ଦେଇଥିବା ଜଣାଯାଏ। ଏହି ବାଳିକାମାନେ ସାଧାରଣତଃ ଦଳିତ ଏବଂ ପଛୁଆ ବର୍ଗ। ଉଚ୍ଚବର୍ଗ ତଥା ଆର୍ଥୀକ ଦୃଷ୍ଟିରୁ ଅବଳ ଏବଂ ସହର ତୁଳନାରେ ଗ୍ରାମାଚଂଳରେ ବାଳକମାନଙ୍କ ତୁଳନାରେ ବାଳିକା ଅଧାରୁ ପାଠ ଛାଡୁ ଥିବା ଏକ ଅନୁଧ୍ୟାନ ରପୋର୍ଟରୁ ଜଣାଯାଇଛି। ଆହୁରି ମଧ୍ୟ ଆଦିବାସୀ ପରିବାରର ଝିଅ ସ୍କୁଲ ବାରଣ୍ଡା ମାଡୁ ନଥିବା ବେଳେ ଦକ୍ଷିଣାଚଂଳ ତୁଳନାର ଉତର ଏବଂ ପଶ୍ଚିମାଚଂଳରେ ବାଳିକାମାନଙ୍କ ସଂଖ୍ୟା ସର୍ବାଧିକ ରହିଛି। ସେହିପରି ଦାରିଦ୍ର୍ୟସୀମା ରେଖା ତଳେ ଥିବା ଗରିବ ପରିବାରର ପିଲାମାନେ ରୋଜଗାର ଏବଂ ଘରୋଇ କାର୍ଯ୍ୟରେ ସହାୟତା ପାଇଁ ଅଧାରୁ ପାଠପଢା ଛାଡୁଛନ୍ତି। ବିଶେଷ କରି ଘରୋଇ କାର୍ଯ୍ୟ, କୃଷି ଏବଂ ଉତ୍ପାଦନିଭିତିକି କାର୍ଯ୍ୟରେ ବାଳିକାମାନେ ନିଜକୁ ନିୟୋଜିତ କରିଥାନ୍ତି। ଆହୁରି ମଧ୍ୟ ବାଳିକାମାନଙ୍କୁ କମ ବୟସରୁ ବିବାହ କରି ଦିଆଯାଇଥିଏ କିମ୍ବା ସେମାନଙ୍କୁ ଘର ମଧ୍ୟରେ ରଖାଯାଇଥାଏ। ଏହାର କାରଣ ସ୍କୁଲ ବହୁଦୂରରେ ରହିଥିବା ଏବଂ ସ୍କୁଲରେ ଉପଯୁକ୍ତ ପରିମଳ ବ୍ୟବସ୍ଥା ନଥିବାରୁ ସେମାନଙ୍କୁ ଘରେ ରହିବାକୁ ଅଭିଭାବକ ବାଧ୍ୟ କରିଥାନ୍ତି। ଏହା ସତ୍ୟ ଯେ, ସ୍ୱାଧୀନତାର ୭୫ବର୍ଷ ବି ଆମ ଦେଶର ପ୍ରାଥମିକ ହେଉ ବା ଉଚ୍ଚ ମାଧ୍ୟମିକ ହେଉ ଶିକ୍ଷାନୁଷ୍ଠାନଗୁଡିକରେ ଶୌଚାଳୟ କିମ୍ବା ପାଣିର ବ୍ୟବସ୍ଥା ନାହିଁ। କିନ୍ତୁ ଏହା ନିସନ୍ଦେହ ଯେ, ପାଠପଢା ପ୍ରତି ଆଗ୍ରହ ନଥିବା କିମ୍ବା ଦାରିଦ୍ର୍ୟ କିମ୍ବା ନିଜର ଅନୁନ୍ନତ ଅବସ୍ଥା ଯୋଗୁଁ ବହୁ ସଂଖ୍ୟାକ ପିଲା ଅଧାରୁ ପାଠରେ ଡୋରି ବାନ୍ଧୁଛନ୍ତି ସେହିପରି ବାଳିକାମାନଙ୍କର ନିରାପତା ଏବଂ ସେମାନଙ୍କ ପାଇଁ ଉନ୍ନତମାନର ଗ୍ରହଣଯୋଗ୍ୟ ଭିତିଭୂମିର ଅଭାବ ଅଧାରୁ ପାଠ ଛାଡିବାର ଆଉ ଏକ ମୁଖ୍ୟକାରଣ ଭାବେ ଉଭା ହୋଇଛି। ସେହିପରି ଛୋଟ ପିଲାଙ୍କୁ କାମରୁ ନିବୃତ କରାଇବା ଏବଂ ସେମାନଙ୍କ ମୌଳିକ ଶିକ୍ଷା ଉପରେ ଅଭିଭାବକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ମନୋଭାବ ଅଭିଭାବକଙ୍କ ମନରୁ ଦୂର ପାଇଁ ସରକାରୀ ସ୍ତରରେ ଉଦ୍ୟମ ହେବା ଜରୁରୀ। କେବଳ ଏତିକି ନୁହେଁ, ଶିଶୁ ଶ୍ରମିକ, ବାଲ୍ୟ ବିବାହ ନିଷେଧ ଏବଂ ସମସ୍ତଙ୍କୁ ଶିକ୍ଷା ଅଧିକାର ପାଇଁ ରହିଥିବା ଆଇନ ପାଠପଢା ବନ୍ଦ ପାଇଁ ଅଭିଭାବକମାନଙ୍କୁ ନିବୃତ କରାଇବାରେ ଯଥେଷ୍ଟ ନୁହେଁ ବୋଲି ସ୍ୱୀକାର କରିବାକୁ ହେବ। ଏଥିରୁ ଆମ ରାଜ୍ୟ ମଧ୍ୟ ବାଦ ପଡିନାହିଁ। ଅଧାରୁ ପାଠ ଛାଡିବା ଆମ ରାଜ୍ୟରେ ଆଶାତୀତ ଭାବେ ବଢିଚାଲିଛି। ମାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଅଧିକ ପିଲା ପାସ୍ କରୁଥିବାବେଳେ କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡିକରେ ହଜର ହଜାର ସିଟ୍ ଖାଲିପଡିବା ଏହାର ଜ୍ୱଳନ୍ତ ଉଦାହରଣ। କେବଳ ଏତକି ନୁହେଁ ପ୍ରଥମରୁ ଦଶମ ମଧ୍ୟରେ ହଜାର ହଜାର ପିଲା ଅଧାରୁ ପାଠ ଛାଡୁଛନ୍ତି। ସାମ୍ପ୍ରତିକ ସମୟରେ ଶିକ୍ଷା ଜୀବନର ମୂଳଆଧାର ହୋଇଥିବାବେଳେ ଏଭଳି ସମସ୍ୟା ଯଥାର୍ଥ ସମାଧାନ ଲାଗି ସରକାରୀ, ଅଭିଭାବକ ଚିନ୍ତା କରିବାର ସମୟ ଆସିଛି।

ତିନିଗୋଡ଼ିଆ ଦୌଡ଼

ଉତ୍କଳାନନ୍ଦ ଅଜୟ କୁମାର ବେହେରା।

ଓଡ଼ିଶାର ବିଗତ କାଳରେ ଜଣେ ପ୍ରାଜ୍ଞ ଆମ ହାଇସ୍କୁଲରେ ପଢ଼ିବା ବେଳେ ଥିଲେ। ତାଙ୍କର ନାମ ଥିଲା ଶ୍ରୀରାମ ସ୍ୱାମୀ ସେନାପତି। ସେ କୋଣାର୍କ ରିଡ଼ର ବୋଲି ଏକ ଇଂରାଜୀ ପାଠ୍ୟ ପୁସ୍ତକ ରଚନା କରିଥିଲେ। ଏଥିରେ ବହୁ ଉପାଦେୟ ଲେଖାଥିଲା। ଏହି ବିଷୟକୁ ଆମର ତତ୍କାଳ ଶିକ୍ଷକ ଶ୍ରୀନୃସିଂହ ସାହୁ ପଢ଼ାଉଥିଲେ। ସେଥିରେ ଥିବା ବିଷୟ ଗୁଡ଼ିକୁ ସରଳ ଭାବରେ ସାର ବୁଝାଇବା ପାଇଁ ପ୍ରସଙ୍ଗ ଗୁଡ଼ିକୁ ପ୍ରାକ୍ଟିକାଲ କରି ପଢ଼ାଉଥିଲେ, ବୁଝାଉଥିଲେ। ପ୍ରତ୍ୟେକ ଇଂରାଜୀ ଶବ୍ଦ ଗୁଡ଼ିକୁ ଇଂରାଜୀରେ ପିଲାଙ୍କୁ ବୁଝାଇବାକୁ ଯିବା ଉଦ୍ଦେଶ୍ୟରେ ଏକ କୌଶଳ ସେ ପ୍ରୟୋଗ କରିଥିଲେ। ଜିଲାବୀ ରେସ, ସ୍ୟାକ ରେସ, ପରି ରେସକୁ ପଢ଼ାଇବା ସହିତ ଇଂରାଜୀରେ ବୁଝାଇବା ପାଇଁ ବହୁ ଉଦ୍ୟମ କରିଥିଲେ। ଏ ମଧ୍ୟରେ ଥିଲା ଥ୍ରୀଲେଗଡ଼ ରେସ। ତିନି ଗୋଡିଆ ଦୌଡ଼ି ଦୁଇଜଣଙ୍କୁ ଏକ ଦିଗକୁ ମୁହଁ କରି ପାଖାପାଖି ଠିଆ କରାଇ ଜଣଙ୍କର ବାମଗୋଡ଼, ସହିତ ଜଣଙ୍କର ଡାହାଣ ଗୋଡ଼କୁ ଏକ ରସି ଫିତା ବା ପତଳା ଗାମୁଛାରେ ବାନ୍ଧି ଦେଇ ତାଙ୍କୁ ଦୌଡ଼ିବାକୁ ହୁଇସିଲ ମାରି ଏକ ନିର୍ଦ୍ଦିଷ୍ଟ ସ୍ଥାରୁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଯାଏ ଦୌଡ଼ିବାକୁ କୁହାଯାଇଥାଏ। ଏ ରେସ ଆମ ସାର ନିଜେ ହୁଇସିଲ ବଜାଇ ଆମ ଛାତ୍ର ମାନଙ୍କୁ ଇଂରାଜୀରେ କହି ଆରମ୍ଭ କରୁଥିଲେ। ଏ ବିଷୟକୁ ଅତି ସରଳରେ ବୁଝି ହେଉଥିଲା। ପୂର୍ବରୁ ଅଭିଜ୍ଞତା ନଥିବା ପିଲାମାନେ ଅନେକ ଛନ୍ଦି ହୋଇ ପଡ଼ି ଯାଉଥିଲେ ଅନେକଙ୍କୁ କଷ୍ଟ ହେବାରୁ ମରିଗଲି ମରିଗଲି ଶବ୍ଦ କରି ଦୌଡ଼ରୁ କ୍ଷାନ୍ତ ହେଉଥିଲେ। ଏସବୁରେ ଏକ ହାସ୍ୟ ରୋଳ ହେଉଥିଲା। କିଛି ତାକତଦାର ପିଲା ସହିତ ଏକ ହାଲକା ଓଜନ ହାଡୁଆ ପିଲାଟିଏ ଏପରି ଯୋଡ଼ି କଲେ ତାଳଦାର ପିଲାଟି ଏ ପିଲାଟିକୁ ହାତରେ ଟେକି ଧରି ତାର ଗୋଡ଼କୁ ମାଟି ନଛୁଆଁଇ ତା ଓଜନ ଭାର ହାତନେଇ ନିଜ ଦୁଇଗୋଡ଼ର ଦୌଡ଼ିବାକୁ ଦେଖା ଯାଉଥିଲା। ଏପରି ବି ତିନିଗୋଡ଼ କାମ କରିବା ହେଉଥିଲା। ସେ ଯୋଡ଼ି ଜିତିବା ହେଉଥିଲା।

ଏ ପ୍ରସଙ୍ଗ ବର୍ତ୍ତମାନ ଦାମ୍ପତ୍ୟ ଜୀବନରେ ପ୍ରକୃତରେ କାମ କରିବା ପ୍ରୟୋଗ ହେଉଛି। ରାସ୍ତା ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ଦୁଇ ପ୍ରକାର ଅଛି। ପ୍ରତ୍ୟକ୍ଷ ରାସ୍ତା ପୁଣି ଦ୍ୱିବିଧ ପ୍ରଥମତଃ ସାର୍ବଜନୀନ, ଦ୍ୱିତୀୟ ଦାମ୍ପତୀଙ୍କ ର ଉଭୟଙ୍କ ରଚିରେ ରାସ୍ତା ଧରନ୍ତି। ବରତିରିଶା କନ୍ୟା ଦଶା ଦିନେ ଥିଲା ଧର୍ତ୍ତବ୍ୟ। ଏହାର ମୂଲ୍ୟାୟନ କଲେ ବୁଝା ପଡୁଛି ବରର ଅଭିଜ୍ଞତା ଧନ ରୋଜଗାର ତାର ପିତୃ ପରମ୍ପରା ଭିଟାମାଟି ସମ୍ପତ୍ତି ଉପରେ ପୁଣି ବର ଗୁରୁ ପରି ଉପଦେଶ ଆଦେଶ ଦେଇ କନ୍ୟାକୁ ତାଙ୍କର ପରମ୍ପରାରେ ନେବାକୁ ଚେଷ୍ଟା କରି ସଫଳ ହେବା। ଶାରଦା ଆଇନ ବଳରେ କନ୍ୟା ମାନଙ୍କର ବାଲ୍ୟ ବିବାହ ବନ୍ଦ ହେଲା। ସରକାରୀ କାନୁନ ହେଲା ସାବାଳିକା କନ୍ୟା ବିବାହ ଯାହା କନ୍ୟାକୁ ଅଠର ବର୍ଷ ପରେ ବିବାହ ବର ମଧ୍ୟ ସାବାଳକ ହେବା ଦରକାର। ଆଧୁନିକ ଶିକ୍ଷା ପ୍ରଣାରଳୀରେ ଏହି ବୟସରେ ବା +୨ଶିକ୍ଷା ଶେଷ କରୁଥିବେ। ଥରେ ଶିକ୍ଷାରେ ନିଶା ନଲାଗିଲେ ଶିକ୍ଷାସ୍ତେ କର୍ମସଂସ୍ଥାନ ପାଇଁ ଉଭୟ ପୁଅ ଓ ଝିଅ ତତ୍ପର ହେଉଛନ୍ତି। ପୁଣି ଏପରି ଯେ ସମସ୍ତଙ୍କୁ ଏକ ରାଜ୍ୟରେ ଚାକିରି ମିଳିବା ମଧ୍ୟ ହୋଇନପାରେ। ଏ ପାଇଁ ଭିନ୍ନ ଭିନ୍ନ ସ୍ଥାନରେ କର୍ମ ମୁତୟନ ହେବାକୁ ପଡ଼େ। ଏମିତିକି କିଏ ସରରକାରୀ ଚାକିରୀ ତ କିଏ ଘରୋଇ ସଂସ୍ଥାନର ଚାକିରି କରିବାକୁ ପଡୁଛି। ପୁଣି କେହି ଅଧା ପାଠରେ ରହିଲେ ତାର ଧନ ଦୌଲତ ଥିଲେ କିଛି ବାଣିଜ୍ୟ ବ୍ୟବସାୟ କରୁଥିଲେ। ତାର ବିବାହ ଏକ ଶିକ୍ଷିତ ଧନୀ ପରିବାର କନ୍ୟା ଯେ ଆଭିଜାତ୍ୟ ଖାତିରରେ ଚାକିରୀ କରିନଥିବ ସେ ପିଲା ସହିତ ବିବାହ ପ୍ରସଙ୍ଗ ଆସି ବିବାହ କରି ଦିଆଯାଉଛି। ପୂର୍ବେ ଚାକିରୀ ପଛରେ କେହି ଦୌଡୁନଥିଲେ, କୌଳିକ ବୃତ୍ତିରେ ବାପ ଠାରୁ ପୁଅ ବୃତ୍ତି ଶିକ୍ଷା କରି ସ୍ୱଗୃହରେ ରହି ବାଣିଜ୍ୟରେ ରୋଜଗାରୀ ଥିଲେ। ବୃତ୍ତି ବାଣିଜ୍ୟରେ ବ୍ରତୀ ଥିବା ଘରୁ ଏକ କନ୍ୟା ଆଣିଲେ ସେ ନିଜ ଗୃହରେ ହେଉଥିବା ବୃତି ଶିକ୍ଷାକରି ବରଘରେ ଏକ ଭଲ ସହାୟିକା ହେଉଥିଲା। ତାପରେ ଜାତି ଆସେ ସୀମାରେ ବିବାହ ହେଉଥିଲା। ସବୁଠାରୁ ଦୈର୍ଘ୍ୟ ଶୁଦ୍ର ଜାତିମାନେ ସ୍ୱ ସ୍ୱ ବୃତ୍ତିରେ ଭିଟାମାଟିରେ ରହି କର୍ମ କରନ୍ତି ଓ ଘରର ବୋହୁ ଏପରି ପରିବାରରେ ହିଁ ଖୋଜା ପଡୁଥିଲା। ବ୍ରାହ୍ମଣ ଘରେ ସ୍ତ୍ରୀଲୋକମାନେ ସ୍ୱାମୀର ସେବାରେ ସମୟ ଦିଅନ୍ତି। ଶୁଦ୍ଧ ଖାଦ୍ୟ ପେୟରେ ମନ ଦିଅନ୍ତି। ପୁରୁଷମାନେ ବିଦ୍ୟାଦାନ ପୌରକୃତ୍ୟ କରି ନିଜ ଜୀବିକା ଚଳାନ୍ତି। ଏକ ପୂଜାରେ ପ୍ରତି ପୁରୋହିତମାନେ ମାତୃକା ଗଣ ଶାଢ଼ୀ ବରାଦ କରିଥାନ୍ତି ଓ ନୂତନ ବସ୍ତ୍ରରେ ପୁରୋହିତ ପୂଜା ବ୍ୟବସ୍ଥା କରିଥାନ୍ତି। ପୂଜାରେ ଦକ୍ଷିଣା ଓ ଅନେକ ଦ୍ରବ୍ୟ ବ୍ରାହ୍ମଣଙ୍କର ପ୍ରାପ୍ୟ ଯୋଗୁ ପୁଣି କେତେ ଘର ଯେଜମାନୀ ଧରିଲେ ସେହି କେଇ ଘର ଦ୍ୱାରା ସେମାନେ ଚଳି ଯାଆନ୍ତି। ଏମିତି ରାଜ ବୃତ୍ତିବା ଜମି ପୁରୋହିତଙ୍କୁ ପ୍ରାପ୍ତ ହୋଇଥାଏ ଯେ ପୁରୋହିତ କରମ ପୁରୋହିତ। ଯେଉଁ କଥା ରାଜ କାନୁନ କରିବା କଷ୍ଟସାଧ ତାକୁ ଗୃହର କୁଳଗୁରୁ ପୁରୋହିତ ସହଜରେ ଉପଦେଶ ଶାସ୍ତ୍ର ଉଦାହରଣରେ ଧର୍ମ ଶିକ୍ଷାରେ କରିପାରନ୍ତି। ଅଗ୍ନୀକୁ ସାକ୍ଷୀ କରି ବିବାହ କରାଇ ବରକନ୍ୟାଙ୍କୁ ଉପଦେଶ ଦେଇ ହାତ ଗଣ୍ଠି ପକାଇ ବିବାହ କରାନ୍ତି। ଭାଇ ଭଉଣୀଙ୍କୁ ଶ୍ରାଦ୍ଧ ଦିନ ଏକତ୍ର କରିବାକୁ ଉପଦେଶ କରି ଏକ ଅତି ବଡ଼ କାମ ନ ମାଳିନ୍ୟ ମିଟାନ୍ତି। ମହାଳୟା ଶ୍ରାଦ୍ଧ ହେଲେ ସମସ୍ତ ପୂର୍ବଜଙ୍କ ନାମ ସ୍ମରଣରେ ଶ୍ରାଦ୍ଧ କରାଇ ସମସ୍ତଙ୍କୁ ଅଭିନ୍ନ ପରିବାରରେ ରଖନ୍ତି। ସ୍ତ୍ରୀ ନହେଲେ ଧର୍ମକାର୍ଯ୍ୟ ଅଧୁରା ବା ହୋଇନପାରେ। ଏଥି ସ୍ତ୍ରୀକୁ ହତାଦର ନକରି ଧର୍ମପତ୍ନୀ ରୂପେ ପ୍ରତିଗୃହରେ ଅଭିନ୍ନ ପୁରୋହିତ ହିଁ କରିପାରନ୍ତି ଏହା ହିଁ ତିରୋଧ ଦୌଡ଼, କ୍ରିୟାରେ ଆସୁଛି। ନାରୀ ଗର୍ଭରେ ସନ୍ତାନ ସୃଷ୍ଟ କରି ସ୍ତ୍ରୀକୁ ହତାଦର କରିବା ଗୁରୁତର ପାପ ଓ ନାରୀ ଭୃଣ ହତ୍ୟା କରି ଗର୍ଭ ନଷ୍ଟ କରିବା ଏସବୁ ପାପ ବୋଲି ପୁରୋହିତ ତାଙ୍କୁ ସତସଙ୍ଗରେ ବୁଝାଇ ବିବାହ ପରେ କେତେ ସଂସ୍କାର ତାଙ୍କର ବନକନ୍ୟା ପାଇଁ ଜାହିର କରିଥାନ୍ତି। ଗର୍ଭଧାରଣ ପାଇଁ ବି ତ୍ରିଗୋଡ଼ ଦୌଡ଼।

ପ୍ରଶାସନ ଓ ପ୍ରଜା ଏ ମଧ୍ୟରେ ତ୍ରିଗୋଡ଼ ଦୌଡ଼ ଅଛି। ଅର୍ଥ ନହେଲେ କେହି ପ୍ରଗତି କରିନପାରେ। ପ୍ରଜାଏ ରାଜା କାନୁନରେ ବନ୍ଧା ନିୟମରେ ରାଜକର ଦେବେ ଓ ପ୍ରଶାସକ ଦୁଃଖସୁଖରେ ସମୁହ ଓ ଏକା ଏକ ପ୍ରଜାଙ୍କର କଷ୍ଟ ଭୋଗରେ ସହାୟକ ହେବା ବି ତ୍ରିଗୋଡ଼ ଦୌଡ଼। କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଏକ ତ୍ରିଗୋଡ଼ ଦୌଡ଼ରେ ପ୍ରଗତି ପଥରେ ଧାବିତ। ପ୍ରତି ଜନପଦ ଅନ୍ୟ ଜନପତ ପାଇଁ ପ୍ରତି ସ୍ଥାନ ପ୍ରତି ସ୍ଥଳ ପ୍ରାକୃତିକ ଦ୍ରବ୍ୟ ଓ ବିନିମୟ ମୂଲ୍ୟ ପାଇଁ ତ୍ରିଗୋଡ଼ ଦୌଡ଼ ରହିଛି। ଅତଏବ ଏପରି ତ୍ରିଗୋଡ଼ ଦୌଡ଼ ତତକର୍ମ ପାଠ୍ୟ ବିଷୟରେ ଏବେ ସମସ୍ତଙ୍କର ଅଙ୍ଗେ ଲିଭାଇବା କଥା ହେଲାଣି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

"ଶ୍ରୀ ଅନୁକୂଳଂ ଶରଣଂ ଗଚ୍ଛାମି"

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆଦର୍ଶ ମାନେ ସହଜ କଥାରେ ଏଭଳି ଜଣେ ଜୀବନ୍ତ ମନୁଷ୍ୟ ଯିଏ ତାଙ୍କର ପ୍ରିୟପରମଙ୍କର ଅକାଟ୍ୟ ପ୍ରୀତି ଓ ଖାତିରରେ ପାରିପାର୍ଶ୍ୱିକର ସେବା ସାହଚର୍ଯ୍ୟ, ସମବେଦନା ସହକାରେ ବଞ୍ଚିବା ଓ ବଢ଼ି ଉଠିବାକୁ ଉଦ୍ଦୀପ୍ତ କରନ୍ତି, ଏକ ସହଜ ଉନ୍ମାଦନା ଓ ଦୁଃଖ କଷ୍ଟକୁ ଭ୍ରୂକ୍ଷେପ ନକରି ତାଙ୍କର ପ୍ରିୟଙ୍କୁ ପ୍ରତିଷ୍ଠା କରନ୍ତି, ଆଉ ତାଙ୍କ ଭିତର ଦେଇ ମନୁଷ୍ୟ ତାର ଜୀବନ ଓ ବୃଦ୍ଧିର ପଥ ପାଏ ଓ ସେ ପଥକୁ ସହଜ ଓ ଅତୁଟ ଭାବରେ ଆଲିଙ୍ଗନ କରେ । ଆଦର୍ଶମାନେ କୌଣସି ଅମୂର୍ତ୍ତ ଭାବ ନୁହେଁ । ଆଉ ଯିଏ ଆଦର୍ଶ ବା ଗୁରୁ ହେବେ ତାଙ୍କର ମଧ୍ୟ ଗୁରୁ ଥିବା ଆବଶ୍ୟକ । ନିଷ୍ଠାର ସହିତ ଗୁରୁଙ୍କୁ ଅନୁସରଣ କରିବାର ଭିତର ଦେଇ ମନୁଷ୍ୟର ବୃତ୍ତି ପ୍ରବୃତ୍ତିଗୁଡ଼ିକ ସୁନିୟନ୍ତ୍ରିତ ହୁଏ ଓ ତା ଭିତରେ ଅଖଣ୍ଡ ବ୍ୟକ୍ତିତ୍ୱର ପ୍ରତିଷ୍ଠା ହୁଏ । ଆଉ ଏହା ଯାହାର ହୋଇନାହିଁ ସେ କେବେ ଆଦର୍ଶ ବା ଗୁରୁପଦବାଚ୍ୟ ହେବେ ନାହିଁ । ବିକେନ୍ଦ୍ରିକ ଯିଏ, ସେ ଯେତେ ଗୁଣ ସମ୍ପନ୍ନ ହୁଅନ୍ତୁ ନା କାହିଁକି, ସେ କୌଣସି ସମୟରେ ଅନୁସରଣୀୟ ନୁହଁନ୍ତି । ଆଦର୍ଶ ହୁଅନ୍ତି ବୈଶିଷ୍ଟ୍ୟପାଳୀ ଓ ଆପୂରୟମାଣ । ପ୍ରତ୍ୟେକଙ୍କର ସହଜାତ ବୈଶିଷ୍ଟ୍ୟକୁ ସେ ପାଳନ ପୋଷଣ କରନ୍ତି । ପ୍ରତ୍ୟେକଙ୍କର ସ୍ୱଭାବଗତ ସ୍ୱାତନ୍ତ୍ର୍ୟକୁ ସେ ସଂରକ୍ଷଣ କରି ଚଳନ୍ତି । କୌଣସି ବ୍ୟକ୍ତିଙ୍କ ଭାବରେ ସେ ବ୍ୟାଘାତ କରନ୍ତି ନାହିଁ । ପୂର୍ବତନ ଋଷି, ମହାପୁରୁଷ, ପ୍ରେରିତ ବା ଅବତାର ପୁରୁଷଙ୍କ ସହିତ ତାଙ୍କର କୌଣସି ବିରୋଧ ନାହିଁ ବରଂ ସେ ସମସ୍ତଙ୍କୁ ପରିପୂରଣ କରନ୍ତି । ସେ କେବେ ଏକାଦେଶଦର୍ଶୀ ହୁଅନ୍ତି ନାହିଁ । ବ୍ୟଷ୍ଟିଗତ ଓ ସମଷ୍ଟିଗତ ଜୀବନର ସର୍ବାଙ୍ଗୀନ ଓ ସାମଗ୍ରିକ ପରିପୂରଣ ଓ ଉନ୍ନୟନ ହିଁ ତାଙ୍କର ଲକ୍ଷ୍ୟ । ସେ କେବେ ଗଣ୍ଡୀସ୍ୱାର୍ଥୀ ହୁଅନ୍ତି ନାହିଁ । ସେ ସମସ୍ତଙ୍କର ସ୍ୱାର୍ଥରେ ସ୍ୱାର୍ଥାନ୍ୱିତ, ତେଣୁ ସମସ୍ତଙ୍କର ମିଳନ ତୀର୍ଥ । ପ୍ରତ୍ୟେକଙ୍କର କଲ୍ୟାଣ ହିଁ ତାଙ୍କର ଆତ୍ମ କଲ୍ୟାଣ । କୌଣସି ପ୍ରକାର ସାମ୍ପ୍ରଦାୟିକ ଭେଦବୁଦ୍ଧି ତାଙ୍କ ପାଖରେ ସ୍ଥାନ ପାଏ ନାହିଁ, ବରଂ ବିଭିନ୍ନ ସମ୍ପ୍ରଦାୟ ଓ ଦଳର ଲୋକ ଗୁରୁଙ୍କର ପ୍ରଭାବରେ ଐକ୍ୟବଦ୍ଧ ହେବାର ପ୍ରେରଣା ପାଆନ୍ତି । ତାଙ୍କ ପାଖକୁ ଗଲେ ପୂର୍ବତନ ଋଷି ମହାପୁରୁଷଙ୍କ ପ୍ରତି ମନୁଷ୍ୟର ଶ୍ରଦ୍ଧା ସଞ୍ଜୀବିତ ହୁଏ । ପ୍ରତ୍ୟେକଙ୍କର ଧର୍ମନିଷ୍ଠା ଆବେଗପ୍ରବୃଦ୍ଧ ହୁଏ । ଧର୍ମାନ୍ତରୀକରଣକୁ ସେ ସ୍ଥାନ ଦିଅନ୍ତି ନାହିଁ । ବରଂ ବୈଶିଷ୍ଟ୍ୟସ୍ଫୁରଣୀ, ଆତ୍ମଶକ୍ତି ଉଦ୍‌ବୋଧନୀ, ଦକ୍ଷତାଦୀପନୀ ଓ ବିଜ୍ଞାନସମ୍ମତ ଦୀକ୍ଷା ପ୍ରଥା ସେ ପ୍ରବର୍ତ୍ତନ କରନ୍ତି । ତାଙ୍କର କହିବା, ଭାବିବା ଓ କରିବାର ମଧ୍ୟରେ କୌଣସି ଅମେଳ ନଥାଏ । ତାଙ୍କର ବାଣୀ, ନୀତି ଓ ଉପଦେଶ ତାଙ୍କର ଜୀବନ ଓ ଆଚରଣରେ ପ୍ରତିଫଳିତ ହୁଏ । ଏକ କଥାରେ ସେ ହେଉଛନ୍ତି ଆଚରଣ ସିଦ୍ଧ ଆଚାର୍ଯ୍ୟ । ସ୍ଥୁଳ, ସୂକ୍ଷ୍ମ ଓ କାରଣ-ସତ୍ୟର ଏହି ତିନି ଭୂମି ସମ୍ବନ୍ଧରେ ତାଙ୍କର ସାମଗ୍ରିକ ପ୍ରତ୍ୟକ୍ଷ ଅନୁଭୂତି, ଅଭିଜ୍ଞତା ଓ ଅଧିଗତି ରହିଛି । ସେ ସତ୍ୟ, ରଜ ଓ ତମଃ - ଏହି ତିନି ଗୁଣର ସାତ୍ୱତ ବିନିଯୋଗ ଓ ବିନ୍ୟାସ କରନ୍ତି । ସେ ତଥାକଥିତ ଅଲୌକିକତାର ଆଶ୍ରୟ ଗ୍ରହଣ ନକରି ଭକ୍ତି, ଜ୍ଞାନ ଓ କର୍ମଶକ୍ତିର ଉଦ୍‌ବୋଧନରେ ମନୁଷ୍ୟକୁ ଯୋଗ୍ୟତର ଓ ଉନ୍ନତତର କରି ତୋଳନ୍ତି ।

ତାଙ୍କର ସମଗ୍ର ଭାବଧାରା ଓ କର୍ମଧାରା ଏକ ସୂତ୍ରସମ୍ମତ ଓ ସତ୍ତାପୋଷଣୀ । ତାଙ୍କ ଜୀବନର ପ୍ରତିଟି ପଦକ୍ଷେପ ଧାରଣ-ପାଳନ-ପୋଷଣ ସମ୍ବେଗ ପ୍ରବୁଦ୍ଧ । ସେ ଅଚ୍ୟୁତ ଯୋଗଯୁକ୍ତ, ତ୍ରିକାଳଜ୍ଞ, ତତ୍ତ୍ୱଦର୍ଶୀ ଓ ଅଭ୍ରାନ୍ତ । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖି ସାତ୍ୱତ ବିବର୍ତ୍ତନକୁ ପ୍ରଗତିଶୀଳ କରି ତୋଳିବାର ପ୍ରୟାସ ସେ କରନ୍ତି । ସାତ୍ୱତ କୃଷ୍ଟି, ଐତିହ୍ୟ, ସଂସ୍କାର ଓ ପ୍ରଥାକୁ ସେ କେବେ ଅବଜ୍ଞା କରନ୍ତି ନାହିଁ ବରଂ ସେଗୁଡ଼ିକୁ ଆହୁରି ସନ୍ଦୀପ୍ତ କରି ଉଠାନ୍ତି । ସେ ସହାନୁଭୂତିଶୀଳ, ସେବାନିରତ, ସହଜ ପ୍ରେମିକ ମଣିଷ । ଭକ୍ତି, ଜ୍ଞାନ ଓ କର୍ମର ସଲୀଳ ସଙ୍ଗତି ଓ ସମନ୍ୱୟ ତାଙ୍କ ଭିତରେ ପରିଲକ୍ଷିତ ହୁଏ । ଜୀବନକୁ ସେ କେବେ ଅସ୍ୱୀକାର କରନ୍ତି ନାହିଁ, ବରଂ ଜୀବନକୁ ଉତ୍ସମୁଖୀ କରି ଷୋଡ଼କଳାରେ ବର୍ଦ୍ଧନମୁଖୀ କରି ଉଠାଇବା ହିଁ ତାଙ୍କର ଅଦମ୍ୟ ତପସ୍ୟା । ତାଙ୍କର ଅସତ୍‌ନିରୋଧୀ ପ୍ରବୃତ୍ତି ତାଙ୍କୁ କ୍ଷୟ ଓ ମୃତ୍ୟୁର ବିରୁଦ୍ଧରେ ଅଭିଯାନ ମୁଖର କରି ଉଠାଏ । ସେ ସମସ୍ତଙ୍କୁ ଏକାକାର କରନ୍ତି ନାହିଁ, ବା ବଡ଼କୁ ଛୋଟ କରିବାକୁ ଚାହାଁନ୍ତି ନାହିଁ ବରଂ ଛୋଟକୁ ବଡ଼ ଓ ବଡ଼କୁ ଆହୁରି ବଡ଼ କରି ଉଠାନ୍ତି ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାର ବୈଶିଷ୍ଟ୍ୟାନୁଯାୟୀ ବ୍ରାହ୍ମୀ ବିବର୍ତ୍ତନ ପଥରେ ପରିଚାଳିତ କରନ୍ତି । ପରମପୁରୁଷ ବ୍ୟକ୍ତି ସ୍ୱାର୍ଥକୁ ବାଦ ଦିଅନ୍ତି ନାହିଁ, କିନ୍ତୁ ବ୍ୟକ୍ତିକୁ ଇଷ୍ଟ ଓ ପରିବେଶର ସେବା ମାଧ୍ୟମରେ ବଡ଼ରୁ ଆହୁରି ବଡ଼କୁ ନେଇଯାଆନ୍ତି । ମନୁଷ୍ୟର ବୃତ୍ତି ପ୍ରବୃତ୍ତିର ଅସ୍ୱୀକାର, ଅବଦମନ ବା ପ୍ରଶୟ କୌଣସିଟିକୁ ସେ ପସନ୍ଦ କରନ୍ତି ନାହିଁ, ବରଂ ସେଗୁଡ଼ିକର ସୁକେନ୍ଦ୍ରିକ ସତ୍ତାସମ୍ବର୍ଦ୍ଧନୀ ବିନ୍ୟାସ ଓ ନିୟନ୍ତ୍ରଣ ମାଧ୍ୟମରେ ମନୁଷ୍ୟକୁ ଶୁଦ୍ଧ, ବୁଦ୍ଧ ଓ ମୁକ୍ତ କରି ଉଠାଇବା ହିଁ ତାଙ୍କର ଏକାନ୍ତ ଲକ୍ଷ୍ୟ । ପ୍ରକୃତ ଆଦର୍ଶ ହିଁ ଈଶ୍ୱରଙ୍କର ବ୍ୟକ୍ତ ପ୍ରତୀକ । ଯୁଗାବତାର କଲ୍‌କୀ ବିଗ୍ରହ ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯଥାର୍ଥରେ କହିଛନ୍ତି - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

ସହ ପ୍ରତିରତ୍ନିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

ଏମଏସଏମଇ କ୍ଲଷ୍ଟର ଆଉଟରିଚ କାର୍ଯ୍ୟକ୍ରମ ଓ ଯୁବବର୍ଗଙ୍କ ଅବଦାନ

ସୌମ୍ୟସାଇ ସିଦ୍ଧାର୍ଥ

ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାନ୍ୟବର ଅର୍ଥମନ୍ତ୍ରୀ କିଛି ଏମଏସଏମଇ ଗ୍ରାହକଙ୍କ ସହ ଆଲୋଚନା କରିଥିଲେ। ଚଳିତ ଆର୍ଥିକ ବର୍ଷରେ ଏମଏସଏମଇ କ୍ଷେତ୍ରକୁ ଅଧିକ ଋଣ ଦେବାକୁ ସେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ଓଡ଼ିଶା, ଆବାହକ ୟୁକୋ ବ୍ୟାଙ୍କ ପକ୍ଷରୁ ୬ଟି ଏଲଡିଏମ ଓ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ବାଲେଶ୍ୱର, କଟକ, ଭୁବନେଶ୍ୱର, ବ୍ରହ୍ମଗିରି, ବରଗଡ଼ ଓ ରମ୍ଭାଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ବେଙ୍ଗାଲୁରୁରୁ ସହିତ ସଂଯୁକ୍ତ ହୋଇଥିଲେ ଯେଉଁଠାରେ ମୁଖ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାଖାପାଖି ୪୫୦ ଏମଏସଏମଇ ଗ୍ରାହକ ଏବଂ ବ୍ୟାଙ୍କର ପ୍ରତିନିଧି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କର ଜେନେରାଲ ମ୍ୟାନେଜର, ଡେପୁଟି ଜେନେରାଲ ମ୍ୟାନେଜର, ଜୋନାଲ ମୁଖ୍ୟମାନେ ସମସ୍ତ ୬ଟି ସ୍ଥାନରେ ଯୋଗ ଦେଇଥିଲେ। ଯୁବବର୍ଗମାନେ ଆର୍ଥିକ ଭାବେ ସରକାରଙ୍କ ଠାରୁ ସହାୟତା ଓ ଉତ୍ତମ ପ୍ରଶିକ୍ଷଣ ପାଇବାପରେ ଶିଳ୍ପ ଓ ଅନ୍ୟାନ୍ୟ ଗୃହ ଉଦ୍ୟୋଗ କ୍ଷେତ୍ରରେ ସେମାନେ ସ୍ୱାବଲମ୍ବୀ ହୋଇପାରିବେ। ନିଜ ନିଜ ଅଞ୍ଚଳର ଉତ୍ପାଦିତ ସାମଗ୍ରୀର ବିକାଶ କରିପାରିବେ ଓ ଏ କ୍ଷେତ୍ରରେ ମହିଳା ବର୍ଗମାନଙ୍କ ପାଇଁ ସେମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଉତ୍ସାହ ଓ ପ୍ରେରଣା ରହିବ। ଆଜିକାଲି ଅନେକ ଆନ୍ତର୍ଜାତିକ ଓ ବଦାନ୍ୟ ସଂଗଠନମାନେ ପୃଷ୍ଠପୋଷକତା କରୁଛନ୍ତି। ଯୁବବର୍ଗ ଏହାର ସଦୁପଯୋଗ କରିବା ଉଚିତ।

ଏମ.ଡ଼ି., ଶ୍ରୀ ସାଇ ଗୃହ ଉଦ୍ୟୋଗ ପ୍ରାଇଭେଟ ଲିମିଟେଡ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୦୯୦୦୫୧୫୪୩

ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ପ୍ରଭାବଶାଳୀ ସ୍ରଷ୍ଟା ମହାପାତ୍ର ନୀଳମଣି ସାହୁ

ବିପିନ ବିହାରୀ ରାଉତ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ପ୍ରଭାବଶାଳୀ ସ୍ରଷ୍ଟା ମହାପାତ୍ର ନୀଳମଣି ସାହୁ। ସେ ଏକଧାରରେ ଔପନ୍ୟାସିକ, ଗାଳ୍ପିକ ଓ ପ୍ରାବନ୍ଧିକ। ସମାଲୋଚନା, ରମ୍ୟ ରଚନା, ଶିଶୁ ସାହିତ୍ୟ, କବିତା, ଅନୁବାଦ, ଆଧ୍ୟାତ୍ମିକ ରଚନା ଓ ସଂପାଦନ କ୍ଷେତ୍ରରେ ମଧ୍ୟ ତାଙ୍କର ଶକ୍ତିଶାଳୀ ଉପସ୍ଥିତି ସ୍ପଷ୍ଟ ଅନୁଭବ କରାଯାଏ। ତାଙ୍କ ଗଳ୍ପର ଭାଷା ଚିତ୍ରମୟ, ବର୍ଣ୍ଣମୟ ଓ ମନନଧର୍ମୀ। ତାଙ୍କ ଗଳ୍ପଗୁଡ଼ିକର କଥାବସ୍ତୁର ବ୍ୟାପକତା ଦେଖିଲେ, ବିସ୍ମିତ ହେବାକୁ ହୁଏ। ସେ ବାସ୍ତବବାଦୀ ସାହିତ୍ୟିକ। ତାଙ୍କ ନିଜ ଭାଷାରେ 'ମୋର ବିଶ୍ୱାସ, ମୁଁ ମୋର ଜୀବନରେ ଯାହା କିଛି ଲେଖେଁ କିଛି ମିଛ ଲେଖେନାହିଁ। ମୋ ମନରୁ ଗୋଟେ କିଛି ଫାନ୍ଦିକରି ଲେଖେନାହିଁ। ଜଗତ୍‌ରେ ଯାହାଘଟେ, ତାହା ମୁଁ ନିଜେ ଅନୁଭବ ନକରି ଲେଖେନାହିଁ। ଆଉ ମଧ୍ୟ ଆମର ଏ ଜଗତରେ ଯାହା କିଛି ଘଟିବା ଉଚିତ ବୋଲି ମୁଁ ମନେକର, ତାହା ବି ମୁଁ ନିଜେ ମୋ ଜୀବନରେ ପ୍ରଥମେ ପ୍ରୟୋଗ ନ କରି ଲେଖେନାହିଁ। ମୁଁ ମୋ ଜୀବନରେ ଅନେକ ମିଛ କଥା ପାଟିରେ କହିଛି। କିନ୍ତୁ ଗୋଟିଏ ହେଲେ ବି ମିଛ ଶବ୍ଦ ମୋ ଲେଖନୀରୁ ବାହାରିନାହିଁ।' ମହାପାତ୍ର ନୀଳମଣି ଲେଖୁଥିଲେ ଓଡ଼ିଆ ଭାଷାଭାଷୀଙ୍କ ପାଇଁ। ନିଜ ଲେଖାଗୁଡ଼ିକର ହିନ୍ଦୀ ବା ଇଂରେଜୀ ଅନୁବାଦ ପାଇଁ ତାଙ୍କର ଆଗ୍ରହ ନଥିଲା। କେବଳ ଓଡ଼ିଆ ପାଠକ ପାଠିକାଙ୍କର ଅଭିମତ ଶୁଣିବା ଲାଗି ସେ ସର୍ବଦା ବ୍ୟଗ୍ର ଥିଲେ। ସେ ସମାଜ ସଚେତନ ଲେଖକ। ସତ୍ୟ ପଛରେ ଧାଇଁଲା ବେଳେ ସେ ଦାର୍ଶନିକ ଓ ଯୋଗୀ। ଶିବ ବା ମଙ୍ଗଳ ପଛରେ ଧାଇଁଲା ବେଳେ ସେ କର୍ମୀ। ସୁନ୍ଦର ପଛରେ ଧାଇଁଲା ବେଳେ ପ୍ରେମୀ ଏବଂ ମହତ୍ ପଛରେ ଧାଇଁଲା ବେଳେ ଭକ୍ତ। ତାଙ୍କ ରଚନାରେ ମିଳେ ଜ୍ଞାନ, କର୍ମ, ପ୍ରେମ ଓ ଭକ୍ତିର ଉପାଦାନ ଏବଂ ସେଥି ଲାଗି ପ୍ରେରଣା। ୧୯୮୧ରେ ଆକାଶ ପାତାଳ ପାଇଁ ସେ ଲାଭ କରିଥିଲେ ଓଡ଼ିଶା ସାହିତ୍ୟ ଏକାଡ଼େମି ପୁରସ୍କାର ଏବଂ ୧୯୮୪ରେ ଅଭିଶପ୍ତ ଗନ୍ଧର୍ବ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମି ପୁରସ୍କାର। ୧୯୬୫-୧୯୬୯ ଝଙ୍କାର ପତ୍ରିକାର ସଂପାଦକ ଦାୟିତ୍ୱ ତୁଲାଇଥିଲେ। ଅଧ୍ୟାପନା ଥିଲା ତାଙ୍କର ବୃତ୍ତି। ରାଜ୍ୟର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରି ୧୯୮୪ରେ ବିଜେପିରୁ ଉପାଧ୍ୟକ୍ଷ ଭାବେ ଅବସର ନେଇଥିଲେ। ଧରା ଓ ଧାରା, ତାମସୀ ରାଧା, ରାନୁ ଅପାଠାରୁ ପୁଷି ପର୍ଯ୍ୟନ୍ତ, ସୁମିତ୍ରାର ହସ, ଆମେ ଓଡ଼ିଆ, ଯାଆ ନିଶା ସର୍ବଭୂତେଷୁ ଆଦି ତାଙ୍କର ଶ୍ରେଷ୍ଠ କୃତି ତାଲିକା ଅନ୍ତର୍ଭୁକ୍ତ। ୧୯୨୬ ଡିସେମ୍ବର ଆଜିର ଦିନରେ ନିଆଳିରେ ସେ ଜନ୍ମ ହୋଇଥିଲେ।

ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ, E-mail : bipinrout@rediffmail.com

ପଲ୍ଲୀ କବି ନନ୍ଦକିଶୋର କବିତାରେ ପଲ୍ଲୀ ପ୍ରାଣତା

ଯଶସ୍ୱିନୀ ପଟ୍ଟନାୟକ

ପଲ୍ଲୀକବି ଭାବେ ପ୍ରସିଦ୍ଧ ନନ୍ଦକିଶୋର ବଳଙ୍କୁ ଏହି ଉପାଧି କେହି ଦେହିନାହିଁ; ଅଥଚ ଏହା ସମସ୍ତଙ୍କ ଦ୍ୱାରା ପ୍ରଦତ୍ତ। କାରଣ, ତାଙ୍କ କବିତାରେ ଅଛି ପଲ୍ଲୀ ପ୍ରାଣତା। ନନ୍ଦକିଶୋର ହିଁ ପ୍ରଥମେ ପଲ୍ଲୀ ଜୀବନକୁ ତାଙ୍କ ସାରସ୍ୱତ ସୃଷ୍ଟିର ମୁଖ୍ୟ ଉପଜୀବ୍ୟ ଭାବେ ଗ୍ରହଣ କରିଥିଲେ। ତାଙ୍କ କବିତାଗୁଡ଼ିକର ମୂଲ୍ୟାୟନ କରି ବ୍ୟାସ କବି ଫକୀରମୋହନ ଲେଖିଥିଲେ 'ପଢ଼ିଗଲି ବେଗେ ପଲ୍ଲୀ ପ୍ରସଙ୍ଗ ବାରତା; କେହି କେବେ କହିନାହିଁ ଏ ପ୍ରକାର କଥା।' ଫକୀରମୋହନଙ୍କ ସହ ତାଙ୍କର ବ୍ୟକ୍ତିଗତ ସ୍ତରର ବନ୍ଧୁତା ଥିଲା। ବାଲେଶ୍ୱରରେ ନନ୍ଦକିଶୋର ଚାକିରି କରୁଥିବା ବେଳେ ଫକୀରମୋହନ କର୍ମମୟ ଜୀବନରୁ ଅବସର ନେଇ, ସେଠାରେ ବାସ କରୁଥିଲେ। ଦୁହେଁ ଏକତ୍ର ସାହିତ୍ୟ ଆଲୋଚନାକୁ ଅଧିକ ସମୟ ଦେଉଥିଲେ। ନନ୍ଦକିଶୋର ବର୍ଣ୍ଣିତ ଏକ ବାସ୍ତବ ଘଟନା ଉପରେ ଫକୀରମୋହନ ରଚନା କରିଥିଲେ ମାମୁ। ନନ୍ଦକିଶୋରଙ୍କ ମୂଳ ନାମ ରସାନନ୍ଦ ଜେନା। ପୋଷ୍ୟପୁତ୍ର ହେବା ପରେ ନନ୍ଦକିଶୋର ବଳ ଭାବେ ପରିଚିତ ହୋଇଥିଲେ। ତାଙ୍କର ବିଦ୍ୟାଳୟ ଛାତ୍ର ଜୀବନ କଟକ ଓ କେନ୍ଦ୍ରାପଡ଼ାରେ କଟିଥିଲା। ଏକାଧିକ ସ୍କୁଲରେ ପଢ଼ିବା ପରେ ସେ ରେଭେନ୍ସା ମହାବିଦ୍ୟାଳୟରେ ଭର୍ତ୍ତି ହୋଇଥିଲେ। ଏହି ସମୟରେ ସେ ସାହିତ୍ୟ ସୃଷ୍ଟି ପାଇଁ ଆଗ୍ରହୀ ହୋଇଥିଲେ।

ସେତେବେଳେ ସାହିତ୍ୟ ଚର୍ଚ୍ଚା ନିମନ୍ତେ କଟକ ଆଲୋଚନା ସଭା ନାମକ ଅନୁଷ୍ଠାନଟିଏ ସକ୍ରିୟ ଥାଏ। ଏହି ଅନୁଷ୍ଠାନ ସହ ସଂପୃକ୍ତ ହେବା ପରେ ନନ୍ଦକିଶୋରଙ୍କ ସାରସ୍ୱତ ଜୀବନ ପରିପୁଷ୍ଟ ହୋଇଥିଲା। ଏଠାରେ ହିଁ ସେ କବିବର ରାଧାନାଥ, ଭକ୍ତକବି ମଧୁସୂଦନ ଆଦିଙ୍କ ସଂସ୍ପର୍ଶରେ ଆସିଥିଲେ। ୧୮୯୮ରେ ପ୍ରକାଶିତ ପଲ୍ଲୀଚିତ୍ର ତାଙ୍କର ପ୍ରଥମ କାବ୍ୟ ଗ୍ରନ୍ଥ। ତାହାପରେ ପ୍ରକାଶିତ ହୋଇଥିଲା ନିର୍ଝରିଣୀ, ପଲ୍ଲୀଚିତ୍ର-୨, ବସନ୍ତ କୋକିଳ, ଚାରୁଚିତ୍ର, ତରଙ୍ଗିଣୀ, ଜନ୍ମଭୂମି, ଆଦି। ଓଡ଼ିଆ ସାହିତ୍ୟକୁ ନନ୍ଦକିଶୋରଙ୍କର ଆଉ ଏକ ପ୍ରମୁଖ ଅବଦାନ ହେଉଛି ଶିଶୁ କବିତା। ନାନାବାୟାଗୀତର ପ୍ରଥମ ଓ ଦ୍ୱିତୀୟ ଭାଗରେ ତାଙ୍କର ଶିଶୁ କବିତାଗୁଡ଼ିକ ସଂକଳିତ। ୧୯୨୫ରେ ପ୍ରକାଶ ପାଇଥିଲା, ତାଙ୍କ ଲିଖିତ ଏକମାତ୍ର ଉପନ୍ୟାସ କନକଲତା। ୧୮୭୫ ଡିସେମ୍ବର ଆଜିର ଦିନରେ ମାହାଙ୍ଗା ଅନ୍ତର୍ଗତ କୁସୁପୁର ଗ୍ରାମରେ ଜନ୍ମ ହୋଇଥିଲେ ପଲ୍ଲୀକବି ନନ୍ଦକିଶୋର। ପଲ୍ଲୀପ୍ରାଣ ନନ୍ଦକିଶୋରଙ୍କୁ ଜନ୍ମ ଦିନ ଅବସରରେ ତାଙ୍କରି ଏକ ବିଲକ୍ଷଣ ଧାଡ଼ି ଉଲ୍ଲେଖ କରୁଛୁ - 'ଆଜି କଥା କାଲି ଅନ୍ତରତ ପୁଣି, ମୁହୂର୍ତ୍ତେ ମୁହୂର୍ତ୍ତେ ଭେଦ। ନଶ୍ୱର ବିଶ୍ୱର ଏ ଅସ୍ଥିର ଭାବ, ମନେ ଦିଏ ଘୋର ଖେଦ।'

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ, ଇ-ମେଲ : jasaswinipattanaik78@gmail.com

ହାତକୁ ଦି ହାତ ହେଲେ ସିନ୍ଧୁ

ଉଦୟପୁର, ୨୨।୧୨: ହାତକୁ ଦି ହାତ ହେଲେ ପିଭି ସିନ୍ଧୁ ବାଜିଲା ଶାହାନାଇ। ପଡ଼ିଲା ହାତ ଗଣ୍ଠି। ହାତକୁ ଦି ହାତ ହେଲେ ଭାରତର ବ୍ୟାଡମିଣ୍ଟନ ଷ୍ଟାର୍ ପିଭି ସିନ୍ଧୁ। ଭେଙ୍କଟ ଦତ୍ତା ସାଇଙ୍କ ସାଜିଲେ କନିଆଁ। ଉଦୟପୁରରେ ଉଭୟ ନେଲେ ସାତ ଫେରା।

ଗତକାଲି ରାଜସ୍ଥାନର ଉଦୟପୁରରେ ହିନ୍ଦୁ ରୀତିନୀତି ଅନୁଯାୟୀ ବ୍ୟାଡ୍ମିଣ୍ଟନ ଷ୍ଟାର ପିଭି ସିନ୍ଧୁ ହାଇଦ୍ରାବର ଭେଙ୍କଟ ଦତ୍ତା ସାଇଙ୍କ ସହ ବିବାହ କରିଛନ୍ତି। ଭେଙ୍କଟ ପେସାରେ ଜଣେ ବିଜନେସ୍ ମ୍ୟାନ୍। ସେ ପ୍ରୋସାଇଡେକ୍ସ ଟେକ୍ନୋଲଜିର ଏକ୍ସିକ୍ୟୁଟିଭ ଡାଇରେକ୍ଟର ଅଟନ୍ତି।

ପିଭି ସିନ୍ଧୁ ଓ ଭେଙ୍କଟଙ୍କ ବିବାହ ବେଳର ଫଟୋ ଏବେ ସାମ୍ନାକୁ ଆସିଛି। ଯାହା ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ବିବାହରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱାତ ମଧ୍ୟ ସିନ୍ଧୁଙ୍କ ବିବାହକୁ ଆସିଥିଲେ। ଘନିଷ୍ଠ ବନ୍ଧୁବାନ୍ଧବଙ୍କ ସହ କିଛି ସେଲିବ୍ରିଟିଙ୍କୁ ପିଭି ସିନ୍ଧୁଙ୍କ ବିବାହକୁ ନିମନ୍ତ୍ରଣ କରାଯାଇଥିଲା। କେବଳ ସୀମିତ ଲୋକଙ୍କ ଉପସ୍ଥିତିରେ ଏହି ବିବାହ ସମ୍ପନ୍ନ ହୋଇଥିଲା। ମଙ୍ଗଳବାର ତାଙ୍କ ରିସେପ୍ସନ୍ ଅଛି। ଏଥିରେ ଅନେକ ସେଲେବ୍ରିଟି ସାମିଲ ହେବେ। ସିନ୍ଧୁ ମହାନ କ୍ରିକେଟର ସଚିନ ତେନ୍ଦୁଲକରଙ୍କୁ ମଧ୍ୟ ନିମନ୍ତ୍ରଣ କରିଥିଲେ। ସେ ନିଜେ ଭେଙ୍କଟଙ୍କ ସହ ସଚିନଙ୍କ ଘରକୁ ଯାଇଥିଲେ। ସିନ୍ଧୁ ଏବଂ ଭେଙ୍କଟ ଉଦୟପୁରର ହୋଟେଲ ରାଫେଲରେ ବିବାହ କରିଥିଲେ। ବିବାହ ସମୟରେ ସିନ୍ଧୁ ଏକ ଗୋଲ୍ଡେନ୍ ଓ କ୍ରିମ୍ କଲର୍ର ସ୍ୱତନ୍ତ୍ର ଶାଢ଼ି ପିନ୍ଧିଥିଲେ।

ମେଲବୋର୍ଣ୍ଣରେ କୋହଲିଙ୍କ ପାଇଁ ସୁଯୋଗ

ନୂଆଦିଲ୍ଲୀ, ୨୩।୧୨: ବିରାଟ କୋହଲି ବର୍ତ୍ତମାନର ଅଷ୍ଟ୍ରେଲିଆ। ଗସ୍ତ ଏକ ଶତକରୁ ଆରମ୍ଭ କରିଥିଲେ କିନ୍ତୁ ପରବର୍ତ୍ତୀ ଦୁଇଟି ଟେଷ୍ଟ ମ୍ୟାଚରେ ତାଙ୍କ ବ୍ୟାଟ ଚୁପ ରହିଥିଲା। ପର୍ଥରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚରେ ବିରାଟ ଶତକ ହାସଲ କରିଥିଲେ। କିନ୍ତୁ ଆଡିଲେଡରେ ଖେଳାଯାଇଥିବା ଡେ ନାଇଟ ଟେଷ୍ଟ ଏବଂ ଗାବାରେ ଡ୍ର ହୋଇଥିବା ଟେଷ୍ଟରେ ସେ କିଛି ବିଶେଷ କରିପାରି ନ ଥିଲେ। ଭାରତୀୟ ଦଳ ବର୍ତ୍ତମାନ ମେଲବର୍ନରେ ପହଞ୍ଚିଛି। ଏଠାରେ ଡିସେମ୍ବର ୨୬ରୁ ସିରିଜର ଚତୁର୍ଥ ଟେଷ୍ଟରେ ଉଭୟ ଦଳ ମୁହାଁମୁହିଁ ହେବେ। ବକ୍ସିଂ ଡେଠାରୁ ଆରମ୍ଭ ହୋଇଥିବା ଏହି ଟେଷ୍ଟରେ ବିରାଟ କୋହଲି ତାଙ୍କ ନାମରେ ଏକ ବଡ଼ ରେକର୍ଡ କରିପାରିବେ। କ୍ରିକେଟ ଭଗବାନ ସଚିନ ତେନ୍ଦୁଲକରଙ୍କ ଏକ ମହାନ ରେକର୍ଡ ଭାଙ୍ଗିବାକୁ ବିରାଟଙ୍କର ଏକ ସୁବର୍ଣ୍ଣ ସୁଯୋଗ ରହିଛି। ସଚିନଙ୍କ ରେକର୍ଡ ଭାଙ୍ଗି ସେ ଏହି ସ୍ଥାନରେ ଟେଷ୍ଟରେ ସର୍ବାଧିକ ରନ ସ୍କୋରର ଭାରତୀୟ ହେବେ।

ବିରାଟ କୋହଲି ମେଲବର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଏପର୍ଯ୍ୟନ୍ତ ୩ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି। ଏଠାରେ ସେ ନିଜ ବ୍ୟାଟ ସହିତ ୩୧୬ ରନ ସଂଗ୍ରହ କରିଛନ୍ତି। ମେଲବର୍ଣ୍ଣରେ ସର୍ବାଧିକ ରନ ସଂଗ୍ରହ କରିଥିବା ଭାରତୀୟଙ୍କ ମଧ୍ୟରେ ସଚିନ ତେନ୍ଦୁଲକର ପ୍ରଥମ ସ୍ଥାନରେ ଅଛନ୍ତି। ସଚିନ ୫ଟି ଟେଷ୍ଟ ମ୍ୟାଚରେ ୪୪୯ ରନ ସଂଗ୍ରହ କରିଥିବାବେଳେ ଅଜିଙ୍କ୍ୟେ ରାହାନେ ୩୬୯ ରନ ସହ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିରାଟ ମେଲବର୍ଣ୍ଣରେ ୧୩୪ ରନ ସ୍କୋର କରି ସଚିନଙ୍କୁ ପଛରେ ପକାଇଥିବାବେଳେ ସେ ୫୪ ରନ ସ୍କୋର କରି ରାହାଣେଙ୍କୁ ପଛରେ ପକାଇଦେବେ। କୋହଲି ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆ। ବିପକ୍ଷରେ ୨୮ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି। ଏହି ଅବଧିରେ ସେ ନିଜ ବ୍ୟାଟ ସହ ୯ ଶତକ ହାସଲ କରିଛନ୍ତି। କୋହଲି ଅଷ୍ଟ୍ରେଲିଆ। ବିପକ୍ଷରେ ୨୧୬୮ ଟେଷ୍ଟ ରନ ସଂଗ୍ରହ କରିଛନ୍ତି ସେ ଅଷ୍ଟ୍ରେଲିଆ। ବିପକ୍ଷରେ ରନ ସ୍କୋର କରିବାକୁ ଉପଭୋଗ କରନ୍ତି।

ଅଶ୍ୱିନଙ୍କ ବଦଳରେ କୋଟିଆନ

ନୂଆଦିଲ୍ଲୀ: ଅଶ୍ୱିନଙ୍କ ବଦଳରେ ଜଣେ ସ୍ପିନରଙ୍କ ତନୁଶ କୋଟିଆନଙ୍କୁ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଚୟନ କରାଯାଇଛି। ସେ ମଙ୍ଗଳବାର ଭାରତରୁ ଅଷ୍ଟ୍ରେଲିଆ। ଉଡ଼ାଣ ଭରିବେ। ତନୁଶ ଏଯାଏ କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ନାହାନ୍ତି। ପ୍ରଥମ ଥର ପାଇଁ ତାଙ୍କୁ ଭାରତୀୟ ଟିମର ସ୍କ୍ୱାଡରେ ସାମିଲ କରାଯାଇଛି।

୨୬ ବର୍ଷୀୟ ତନୁଶ ୩୩ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୧୦୧ ୱିକେଟ ନେଇଛି। ୨୦ଟି ଲିଷ୍ଟ ଏ ମ୍ୟାଚ୍‌ରେ ତାଙ୍କର ୨୦ଟି ୱିକେଟ ରହିଛନ୍ତି। ଟି-୨୦ରେ ସେ ୩୩ଟି ମ୍ୟାଚ୍‌ରେ ୩୩ଟି ୱିକେଟ ନେଇଛନ୍ତି। ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ସେ ଭାରତୀୟ ଏ ଦଳ ସହ ଅଷ୍ଟ୍ରେଲିଆ। ବିପକ୍ଷରେ ମ୍ୟାଚ୍ ଖେଳିଥିଲେ। ମେଲବର୍ଣ୍ଣରେ ସେ ୮ନଂରେ ବ୍ୟାଟିଂ କରି ୪୮ ରନ କରିଥିଲେ। ବିସିସିଆଇର ଜଣେ ଅଧିକାରୀ କହିଛନ୍ତି, ତନୁଶ କୋଟିଆନଙ୍କୁ ସ୍କ୍ୱାଡରେ ସାମିଲ କରାଯାଇଛି। ଯଦି ୱାଶିଂଟନ ସୁନ୍ଦର କିମ୍ବା ରବୀନ୍ଦ୍ର ଜାଡେଜା ଆହତ ହୁଅନ୍ତି, ତାହେଲେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିବ।

କେତେ କୋଟିର ମାଲିକ ଅଲ୍ଲୁ ଅର୍ଜୁନ

ହାଇଦ୍ରାବାଦ: ରବିବାର ଦିନ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ହାଇଦ୍ରାବାଦସ୍ଥିତ ଘର ଉପରେ ଆକ୍ରମଣ କରାଯାଇଥିଲା ଓସମାନିଆ ବିଶ୍ୱବିଦ୍ୟାଳୟର ଛାତ୍ରମାନେ ବିରୋଧ ପ୍ରଦର୍ଶନ କରିବାକୁ ଆସିଥିଲେ। ସେମାନେ ଅଲ୍ଲୁ ଅର୍ଜୁନଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଅଲ୍ଲୁ ଅର୍ଜୁନଙ୍କୁ ଦେଖିବା ପାଇଁ ପ୍ରେକ୍ଷାଳୟ ଆଗରେ ଭିଡ଼ ଜମିବାରୁ ଦଳାଚକଟାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ମୃତ ମହିଳାଙ୍କ ପରିବାରକୁ ଅଧିକ କ୍ଷତିପୂରଣ ଦେବାକୁ ଦାବି କରି ଛାତ୍ରମାନେ ବିରୋଧ ପ୍ରଦର୍ଶନ କରିଥିଲେ ଘର ଉପରେ ଆକ୍ରମଣ ହେବା ଦେଖି ଅଭିନେତା ନିଜ ପରିବାରକୁ ନେଇ ଘରୁ ବାହାରକୁ ଚାଲିଯାଇଥିଲେ।

ଏସବୁ ଘଟଣାକୁ ନେଇ ଚର୍ଚ୍ଚାରେ ଥିବା ଅଲ୍ଲୁ ଅର୍ଜୁନଙ୍କ ଘର ଓ ସେ କେତେ କୋଟିର ମାଲିକ, ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଜାତୀୟ ଗଣମାଧ୍ୟମ ଅନୁଯାୟୀ, ଅଲ୍ଲୁ ଏବେ ୪୬୦କୋଟି ଟଙ୍କାର ମାଲିକ ଅଟନ୍ତି। ତାଙ୍କର ବାର୍ଷିକ ଆୟ ୯୦କୋଟି ଟଙ୍କା ହୋଇଥିବା ବେଳେ ପ୍ରତି ଚଳଚ୍ଚିତ୍ର ପାଇଁ ସେ ୬୫କୋଟି ଟଙ୍କା ପାରିଶ୍ରମିକ ନିଅନ୍ତି, ଯାହା ଏବେ ୩୦୦କୋଟିକୁ ବଢ଼ିଥିବା କୁହାଯାଉଛି। ୧୨ଟି ବ୍ରାଣ୍ଡର ସେ ବ୍ରାଣ୍ଡ ଆମ୍ବାସାଡର ଥିବା ବେଳେ ବ୍ରାଣ୍ଡର ପ୍ରତିଟି ପ୍ରମୋସନ ପାଇଁ ୧୦କୋଟି ଟଙ୍କା ପାରିଶ୍ରମିକ ନିଅନ୍ତି ଅଲ୍ଲୁ। ଏହା ବ୍ୟତୀତ ହାଇଦ୍ରାବାଦରେ ୧୫୦୦୦ ସ୍କୋୟାର ଫିଟରେ ତାଙ୍କର ଏକ ବଡ଼ ଘର ରହିଛି, ଯାହାର ମୂଲ୍ୟ ୪୦କୋଟି। ଏହା ସହ ସେ ହାଇଦ୍ରାବାଦରେ ଓ ହାଇଦ୍ରାବାଦ ପାଖାପାଖି ୬୦କୋଟି ଟଙ୍କାର ଜମି କିଣିଛନ୍ତି।

ତାଙ୍କ ପାଖରେ ବିଭିନ୍ନ ଦାମୀ କାର୍ ରହିଥିବା ବେଳେ ୭କୋଟି ଟଙ୍କାର ଏକ ଭ୍ୟାନିଟି ଭ୍ୟାନ୍ ରହିଛି କାର୍ ସହ ଏକ ପ୍ରାଇଭେଟ ଜେଟର ମାଲିକ ଅଟନ୍ତି ଅଲ୍ଲୁ। ତାଙ୍କ ପାଖରେ ୮୦କୋଟି ଟଙ୍କାର ପ୍ରାଇଭେଟ ଜେଟ ରହିଛି, ଯାହାକୁ ହାଇଦ୍ରାବାଦର ଶମଶାବାଦ ବିମାନବନ୍ଦରରେ ରଖାଯାଇଛି। ବାହାରକୁ ଯିବାର ଥିବା ବେଳେ ଅଲ୍ଲୁ ଏହି ବିମାନରେ ପରିବାର ସହ ଯାତ୍ରା କରନ୍ତି।

୨୩ ଫେବୃଆରୀରେ ମୁହାଁମୁହିଁ ହେବେ ଭାରତ-ପାକିସ୍ତାନ !

ନୂଆଦିଲ୍ଲୀ, ୨୩।୧୨: ୨୦୨୫ ଚାମ୍ପିଅନ୍ସ ଟ୍ରଫି ବିଷୟରେ ବର୍ତ୍ତମାନ ବିଶ୍ କ୍ରିକେଟ ରେ ଏକ ଆଲୋଚନା ହେଉଛି। ଏହି ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଦୁଇ ମାସରୁ କମ ସମୟ ବାକି ଅଛି, କିନ୍ତୁ ଏହାର କାର୍ଯ୍ୟସୂଚୀ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ। ଏହି ସମୟରେ ଚାମ୍ପିଅନ୍ସ ଟ୍ରଫିର ସମ୍ଭାବ୍ୟ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଏହି କାର୍ଯ୍ୟସୂଚୀ ଅନୁଯାୟୀ, ଟୁର୍ଣ୍ଣାମେଣ୍ଟରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ ୨୩ ଫେବୃଆରୀରେ ଖେଳାଯିବ।

ସୂଚନାଯୋଗ୍ୟ, ପାକିସ୍ତାନ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରୁଛି ଯେତେବେଳେ ଆଇସିସିରୁ ପାକିସ୍ତାନ ଏହି ଟୁର୍ନାମେଣ୍ଟର ହୋଷ୍ଟିଂ ଅଧିକାର ପାଇଲା, ସେତେବେଳେ ସ୍ପଷ୍ଟ ହୋଇଥିଲା ଯେ ଟିମ ଇଣ୍ଡିଆ। କୌଣସି ପରିସ୍ଥିତିରେ ପାକିସ୍ତାନ ଯିବ ନାହିଁ।



ସମାନ ଘଟଣା ଘଟିଗଲା। ପାକିସ୍ତାନର ସମସ୍ତ ଚେଷ୍ଟା ସତ୍ତ୍ୱେ ସୁରକ୍ଷା ଦୃଷ୍ଟିରୁ ଭାରତ ଟିମ ଇଣ୍ଡିଆକୁ ପଠାଇବାକୁ ମନା କରିଦେଇଛି। ଏଭଳି ପରିସ୍ଥିତିରେ ଏହି ଟୁର୍ନାମେଣ୍ଟ ହାଇବ୍ରିଡ ମଡେଲରେ ଖେଳାଯିବ ତେବେ ପାକିସ୍ତାନ କିଛି ସର୍ତ୍ତ ସହିତ ଭାରତର ହାଇବ୍ରିଡ ମଡେଲ ଅଫରକୁ ଗ୍ରହଣ କରିଛି।

ମିଳିଥିବା ରିପୋର୍ଟ ଅନୁଯାୟୀ, ୨୦୨୫ ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ମ୍ୟାଚ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ। ଟିମ ଇଣ୍ଡିଆ ୨୦ ଫେବୃଆରୀରେ ବାଂଲାଦେଶ, ୨୩ ଫେବୃଆରୀରେ ପାକିସ୍ତାନ ଏବଂ ୨ ମାର୍ଚ୍ଚରେ ନ୍ୟୁଜିଲ୍ୟାଣ୍ଡ ସହିତ ମୁହାଁମୁହିଁ ହେବ। ଯେତେବେଳେ କି ପାକିସ୍ତାନ ଦଳ ୧୯ ଫେବୃଆରୀରେ ନ୍ୟୁଜିଲ୍ୟାଣ୍ଡ, ୨୩ ଫେବୃଆରୀରେ ଭାରତ ଏବଂ ୨୭ ଫେବୃଆରୀରେ ବାଂଲାଦେଶ ସହିତ ମୁହାଁମୁହିଁ ହେବ।

ହାଇବ୍ରିଡ ମଡେଲରେ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଖେଳାଯିବ। ଏହାର ଅର୍ଥ ହେଉଛି ଟିମ ଇଣ୍ଡିଆ। ଏହାର ମ୍ୟାଚ ଦୁବାଇରେ ଖେଳିବ, ଯାହା ସଭାରେ ନିଷ୍ପତ୍ତି ନିଆଯାଇଥିଲା।ଅବଶିଷ୍ଟ ମ୍ୟାଚ ପାକିସ୍ତାନରେ ଖେଳାଯିବ ଯଦି ଭାରତୀୟ ଦଳ ନକଆଉଟ ପର୍ଯ୍ୟାୟରେ ପହଞ୍ଚେ ତେବେ ଦୁବାଇରେ ଭାରତର ସେମିଫାଇନାଲ ମ୍ୟାଚ ଖେଳାଯିବ ଯଦି ସେମିଫାଇନାଲ ପରେ ଟିମ ଇଣ୍ଡିଆ। ଫାଇନାଲରେ ପ୍ରବେଶ କରେ, ତେବେ ଦୁବାଇରେ ଟାଇଟଲ ମ୍ୟାଚ ମଧ୍ୟ ଖେଳାଯିବ। ତେବେ ଟିମ ଇଣ୍ଡିଆ। କେଉଁଠାରେ ମ୍ୟାଚ ଖେଳିବ ତାହା ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନାହିଁ ବର୍ତ୍ତମାନ ସୁଦ୍ଧା, ସ୍ଥାନ ଏବଂ କାର୍ଯ୍ୟସୂଚୀ ସମ୍ବନ୍ଧୀୟ ସୂଚନା କେବଳ ରିପୋର୍ଟ ଏବଂ ସୂତ୍ର ମାଧ୍ୟମରେ ପ୍ରକାଶ ପାଇଛି।

ସଚିନଙ୍କୁ ପ୍ରଭାବିତ କଲା କୁନି ଝିଅର ବୋଲିଂ

ନୂଆଦିଲ୍ଲୀ, ୨୩।୧୨: ମହାନ କ୍ରିକେଟର ସଚିନ ତେନ୍ଦୁଲକର ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ଏକ ଛୋଟ ଝିଅ ବୋଲିଂ କରୁଥିବା ଦେଖାଯାଉଛି, ଯାହାର କାର୍ଯ୍ୟ ଭାରତର କିମ୍ବଦନ୍ତୀ ବୋଲର ଜହିର ଖାନଙ୍କ ସହିତ ସମାନ। ଏହି ଝିଅଟିର ନାମ ସୁଶୀଲା ମୀନା ସଚିନ ତେନ୍ଦୁଲକର ତାଙ୍କ ବୋଲିଂ ଆକ୍ସନ ଦ୍ୱାରା ବହୁତ ପ୍ରଭାବିତ ହୋଇଛନ୍ତି। ସେ ତାଙ୍କ କ୍ୟାପସନରେ ଜହିର ଖାନଙ୍କୁ ମଧ୍ୟ ଟ୍ୟାଗ କରିଛନ୍ତି ଏହି ଲେଖା ଲେଖିବାର ସମୟ ପର୍ଯ୍ୟନ୍ତ, ଏହି ଭିଡିଓକୁ ୪ ଲକ୍ଷରୁ ଅଧିକ ଥର ଦେଖାଯାଇଛି। ସଚିନ ତେନ୍ଦୁଲକର ଏହି ଭିଡିଓର କ୍ୟାପସନରେ ଲେଖିଛନ୍ତି, ସ୍ମୁଥ ଏବଂ ଦେଖିବାର ଆନନ୍ଦ ଜାହିର ଖାନ, ସୁଶୀଲା ମୀନାଙ୍କ ବୋଲିଂ ଆକ୍ସନ ଆପଣଙ୍କ ପରି ଦେଖାଯାଉଛି ଆପଣ ଏହା ମଧ୍ୟ ଦେଖିଛନ୍ତି କି ?

ପୁତ୍ର ସନ୍ତାନର ମାତାପିତା ହେଲେ ସାଚେତ-ପରମ୍ପରା

ମୁମ୍ବାଇ: ପୁତ୍ର ସନ୍ତାନର ମାତାପିତା ହେଲେ ବଲିଉଡ କଣ୍ଠଶିଳ୍ପୀ ସାଚେ୍ ଟଣ୍ଡନ-ପରମ୍ପରା ଠାକୁର ବିବାହର ୪ବର୍ଷ ପରେ ଦୁହେଁ ମାତାପିତା ହୋଇଛନ୍ତି ସୋସିଆଲ ମିଡିଆରେ ଏହି ଖୁସି ଖବର ଜଣାଇଛନ୍ତି ଦମ୍ପତ୍ତି ।

ଏହି ଖୁସି ଖବର ସେୟାର କରିବାକୁ ଯାଇ ସାଚେ୍ ଏକ ପୋଷ୍ଟ ସେୟାର କରିଛନ୍ତି ପୋଷ୍ଟରେ ଲେଖାଯାଇଛି ଯେ, ମହାଦେବଙ୍କ କୃପାରୁ ଆମକୁ ଆଶୀର୍ବାଦ ଆକାରର ମିଳିଥିବା ପୁତ୍ର ସନ୍ତାନର ଆଗମନ ବିଷୟରେ ଘୋଷଣା କରି ବହୁତ ଖୁସି ଏହି ଖୁସିର ସମୟରେ ଆମେ ଆପଣଙ୍କ ଆଶୀର୍ବାଦ ଏବଂ ଶୁଭେଚ୍ଛା ଚାହୁଁଛୁ ।

ସାଚେତ-ପରମ୍ପରାଙ୍କ ପ୍ରେମ କାହାଣୀ ବିଷୟରେ କହିବାକୁ ଗଲେ ଦୁହେଁ ପ୍ରଥମ ଥର ପାଇଁ ୨୦୧୫ରେ ଏକ ରିଆଲିଟି ଟିଭି ସୋରେ ପରସ୍ପରକୁ ଭେଟିଥିଲେ ସୋରେ ପ୍ରତିଯୋଗୀ ଭାବରେ ଅଂଶଗ୍ରହଣ କରିଥିବା ସାଚେଟ୍ ଏବଂ ପରମ୍ପରାଙ୍କ ମଧ୍ୟରେ ସମୟ ସହ ଘନିଷ୍ଠତା ବଢ଼ିଥିଲା । ପ୍ରାୟ ପାଞ୍ଚ ବର୍ଷ ପ୍ରେମ ସମ୍ପର୍କ ରଖିବା ପରେ ଦୁହେଁ ଡିସେମ୍ବର ୨୦୨୦ରେ ବିବାହ କରିଥିଲେ ଏବଂ ଚିରଦିନ ପାଇଁ ପରସ୍ପରର ହାତ ଧରିଥିଲେ ଦୁହେଁ ପରିବାର ଏବଂ ଘନିଷ୍ଠ ବନ୍ଧୁମାନଙ୍କ ଉପସ୍ଥିତିରେ ବିବାହ କରିଥିବା ଦେଖାଯାଇଥିଲା ଏବେ ବିବାହର ୪ବର୍ଷ ପରେ ଦୁହେଁ ମାତାପିତା ହୋଇଛନ୍ତି।

ବିନୋଦ କାମ୍ବଲି ଅସୁସ୍ଥ, ଡାକ୍ତରଖାନାରେ ଭର୍ତ୍ତି

ନୂଆଦିଲ୍ଲୀ: ପୂର୍ବତନ ଭାରତୀୟ କ୍ରିକେଟର ବିନୋଦ କାମ୍ବଲି ଗତ କିଛି ଦିନ ହେବ ସ୍ୱାସ୍ଥ୍ୟ ଜନିତ ସମସ୍ୟା ନେଇ



ସଂଘର୍ଷ କରୁଛନ୍ତି ଆଜି କାମ୍ବଲିଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ଥରେ ବିଗିଡ଼ିଯାଇଛି ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଥାନେର ଆକୃତି ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ସେ ଚିକିତ୍ସିତ ହେଉଛନ୍ତି।ଡାକ୍ତରମାନଙ୍କ ଏକ ଟିମ ଏବେ ତାଙ୍କର ଚିକିତ୍ସା କରୁଛନ୍ତି ନିକଟରେ ବିନୋଦ କାମ୍ବଲିଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ଏହି ଭିଡିଓରେ ସେ ସଚିନ ତେନ୍ଦୁଲକରଙ୍କ ସହ ନଜର ଆସିଥିଲେ, ଯେଉଁଥିରେ ସେ ବହୁତ ଅସୁସ୍ଥ ଦେଖାଯାଉଥିଲେ।

କେନ୍ଦ୍ରାପଡ଼ା ମାଟିର ପୁଅ ଓଡ଼ିଶା ଭଲି ଟିମର ଅଧିନାୟକ ଅଭିନ୍ନ ସାମଲଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡା, ୨୩।୧୨: କେନ୍ଦ୍ରାପଡ଼ା ମାଟି ଭଲିବଲର ମାଟି। ଏହି ମାଟିର ସନ୍ତାନ ଅନେକ ରାଜ୍ୟ ସ୍ତରୀୟ ଓ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ କେନ୍ଦ୍ରାପଡ଼ାକୁ ଗୌରବନ୍ୱିତ କରିଛନ୍ତି। ଚଉଦ ବର୍ଷରୁ କମ୍ ଓଡ଼ିଶା ଭଲି ଟିମ୍‌ର ଅଧିନାୟକ ଭାବରେ ମନୋନୀତ ହୋଇ କେନ୍ଦ୍ରାପଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ର ଅଭିନ୍ନ ସାମଲ ଉତ୍ତରପ୍ରଦେଶର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟଠାରେ ଜାତୀୟସ୍ତରୀୟ ସ୍କୁଲ ପ୍ରତିଯୋଗିତାରେ ତିନି ତାରିଖରୁ ଚଉଦ ତାରିଖ ପର୍ଯ୍ୟନ୍ତ ଖେଳି ସୁନାମ ଆଣିଛନ୍ତି।ଓଡ଼ିଶା କ୍ୟାପଟେନ ଅଭିନ୍ନ ସାମଲଙ୍କୁ ଗତକାଲି କେନ୍ଦ୍ରାପଡ଼ା ହାଇସ୍କୁଲ ପଡିଆ ଠାରେ ୟୁଥ୍ ଭଲିବଲ ଏକାଡେମୀ, କେନ୍ଦ୍ରାପଡ଼ା ଦ୍ୱାର ଏକ ସମ୍ବର୍ଦ୍ଧନା ପର୍ବ ଆୟୋଜନ କରାଯାଇଥିଲା। ଏହି ସଭାରେ ଅଥଲେଟିକ ଆସୋସିଏସନର ସମ୍ପାଦକ ସାୟେଦ ଅକ୍କଲ୍ ଅଲ୍ଲୀ ମୁଖ୍ୟ ଅତିଥି ଭାବେ

ଯୋଗଦେଇଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଏସିଡେମିର ସଭାପତି ସେକ ରଫିକ୍, ସମ୍ପାଦକ ସେକ ରେହାନ, ପୂର୍ବତନ ଭଲିବଲ ଖେଳାଳୀ ମହମ୍ମଦ ଅସଗର ଅଲ୍ଲୀ, ପିତା ଅଚ୍ୟୁତାନନ୍ଦ ସାମଲ, ଆଦି ଉପସ୍ଥିତ ରହି କ୍ୟାପଟେନ ଅଭିନ୍ନ ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ଉତ୍ସବରେ ବହୁତ ସଂଖ୍ୟକ ଖେଳାଳି ଉପସ୍ଥିତ ଥିଲେ। ଅଭିନ୍ନ ସାମଲଙ୍କର ଭଲି ଖେଳରେ ଉତ୍ତରୋତ୍ତର ଉନ୍ନତି ହେଉ ବୋଲି ଉପସ୍ଥିତ ଅତିଥି ମାନେ ଆଶୀର୍ବାଦ କରିଥିଲେ ଓ କରତାଳି ଦେଇ ଉତ୍ସାହିତ କରିଥିଲେ। ଆଗାମୀ ଦିନରେ ଦେଶପାଇଁ ଭଲି ଖେଳିବାକୁ ଆଶା ରଖିଥିବା ଅଭିନ୍ନ ପ୍ରକାଶ କରି କେନ୍ଦ୍ରାପଡ଼ାରେ ଭଲି ବଲର ଅଭିଜ୍ଞ କୋଚର ଆବଶ୍ୟକତା ଅଛି ବୋଲି ମାର ପ୍ରକାଶ କରିଥିଲେ। ଶେଷରେ ସେକ ରଫିକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

କ୍ଲିନ୍ ସୁଇପ୍ କଲା ପାକିସ୍ତାନ

ନୂଆଦିଲ୍ଲୀ, ୨୩।୧୨ :ତିନି ମ୍ୟାଚ ବିଶିଷ୍ଟ ଦିନିକିଆ। ସିରିଜରେ ପାକିସ୍ତାନ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି ସିରିଜର ତୃତୀୟ ତଥା ଶେଷ ମ୍ୟାଚରେ ଡର୍କ୍‌ଥ-ଲୁଇସ୍ ନିୟମ ଅଧୀନରେ ପାକିସ୍ତାନ ୩୬ ରନ ଜିତିଥିଲା।ଏହି ବିଜୟ ସହିତ ପାକିସ୍ତାନ ବିଶ୍ୱ ରେକର୍ଡ ହାସଲ କରିଛି। ବର୍ତ୍ତମାନ ପାକିସ୍ତାନ ନିଜ ଘରୋଇ ଗ୍ରାଉଣ୍ଡରେ ଏକ ଦିନିକିଆ। ସିରିଜରେ ଦକ୍ଷିଣ ଆଫ୍ରିକାକୁ ଘରୋଇ ମାଟିରେ କ୍ଲିନ୍ ସୁଇପ୍ କରିବାରେ ବିଶ୍ୱର ପ୍ରଥମ ଦଳ ହୋଇଛି। ମହମ୍ମଦ ରିଜାନଙ୍କ ଅଧିନାୟକତ୍ୱରେ ପାକିସ୍ତାନ।ଏହି ପ୍ରଦର୍ଶନ କରିଛି ଜୋହାନ୍ସବର୍ଗରେ ପାକିସ୍ତାନ ଏବଂ ଆଫ୍ରିକା ମଧ୍ୟରେ ତୃତୀୟ ଦିନିକିଆ। ଖେଳାଯାଇଥିଲା । ଦକ୍ଷିଣ ଆଫ୍ରିକା ଟସ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା ପାକିସ୍ତାନ ୪୭ ଓଭରରେ ବୋର୍ଡରେ ୩୦୮/୯ ରନ ସଂଗ୍ରହ କରିଥିଲା। ଏହି ସମୟ ମଧ୍ୟରେ ଦଳ ପାଇଁ ଖୋଲିବାକୁ ଆସିଥିବା ସାମ ଆୟୁବ ଏକ ଚମତ୍କାର ଇନିଂସ ଖେଳି ୯୪ ବଲରେ ୧୩ ଚୌକା ଓ ୨ ଛକା ସହାୟତାରେ ୧୦୧ ରନ ସ୍କୋର କରିଥିଲେ। ଦକ୍ଷିଣ ଆଫ୍ରିକା ଦଳ ୪୨ଓଭରରେ ୨୭୧ ରନରେ ଅଲଆଉଟ୍ ହୋଇଥିଲା।

ବଡ଼ ରେକର୍ଡ କଲେ କୃଣାଳ ପାଣ୍ଡ୍ୟା

ନୂଆଦିଲ୍ଲୀ, ୨୩।୧୨: ବିଜୟ ହଜାରେ ଟ୍ରଫି ୨୦୨୪ରେ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି।ପ୍ରଥମେ ବ୍ୟାଟିଂ କରି ବରୋଦା ୪୦୦ ରନ ମାର୍କ ଅତିକ୍ରମ କରିଛନ୍ତି। ଏହି ସମୟରେ ଅଧିନାୟକ କ୍ରୁନାଲ ପାଣ୍ଡ୍ୟା ବିସ୍ଫୋରକ ବ୍ୟାଟିଂ କରିଥିଲେ ସେ ଅପରାଜିତ ୮୦ ରନ ସ୍କୋର କରିଥିଲେ। କ୍ରୁନାଲଙ୍କ ଏହି ଇନିଂସରେ ୭ ଚୌକା ଓ ୩ ଛକା ସାମିଲ ଥିଲା। ତାଙ୍କ ସହ ନିନାଦ ଅଶ୍ୱିନ କୁମାର ମଧ୍ୟ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିଥିଲେ। ସେ ଏକ ଶତକ ହାସଲ କରିଛନ୍ତି ପାର୍ଥ କୋହଲି ଏବଂ ବିଷ୍ଣୁ ସୋଲାଙ୍କି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।ବରୋଦା ଦଳ ପ୍ରଥମେ କେରଳ ବିପକ୍ଷରେ ବ୍ୟାଟିଂ କରିବାକୁ ପଡିଆକୁ ଆସିଥିଲେ। ଏହି ଅବଧିରେ ସେ ୪ ଓଭରରେ ୫୦ ଓଭରରେ ୪୦୩ ରନ ସଂଗ୍ରହ କରିଥିଲେ। ଏହି ସମୟରେ କ୍ରୁନାଲ ଚତୁର୍ଥ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ ସେ ୫୪ ବଲ ସମ୍ମୁଖରେ ଅପରାଜିତ ୮୦ ରନ ସ୍କୋର କରିଥିଲେ। କ୍ରୁନାଲ ୭ ଚୌକା ଓ ୩ ଛକା ମାରିଥିଲେ ତାଙ୍କର ବିସ୍ଫୋରକ ଇନିଂସ ବରୋଦାଙ୍କୁ ଏକ ବଡ଼ ସ୍କୋରକୁ ନେଇଥିଲା।ବରୋଦା ପାଇଁ ନିନାଦ ଏବଂ ଶାଶ୍ୱତ ରାତ ଖୋଲିବାକୁ ଆସିଥିଲେ। ଏହି ସମୟରେ ନିନାଦ ୯୯ ବଲ୍‌ର ସମ୍ମୁଖୀନ ହୋଇ ୧୩୬ ରନ ସ୍କୋର କରିଥିଲେ। ନିନାଦ ୧୯ ଚୌକା ଓ ୩ ଛକା ମାରିଥିଲେ। ତାଙ୍କ ସହ

ବିଷ୍ଣୁ ସୋଲାଙ୍କି ମଧ୍ୟ ଏକ ଶକ୍ତିଶାଳୀ ଇନିଂସ ଖେଳିଥିଲେ। ସେ ୪୬ ରନ କରିଥିଲେ। ପାର୍ଥ କୋହଲି ୭୨ ରନ କରିଥିଲେ। ଭାନୁ ପୁନିଆ। ୩୭ ରନ କରି ଅପରାଜିତ ରହିଥିଲେ ୧୫ଟି ବଲକୁ ସାମ୍ନା କରି ସେ ୪ ଚୌକା ଓ ୨ ଛକା ମାରିଥିଲେ। ଏହିପରି ବରୋଦା ୫୦ ଓଭରରେ ୪୦୩ ରନ ସଂଗ୍ରହ କରି ୪ ଉଇକେଟ ହରାଇଥିଲେ।ବିଜୟ ହଜାରେ ଟ୍ରଫିରେ ସର୍ବାଧିକ ରନ ସ୍କୋର କରିବାରେ କ୍ରୁନାଲ ପାଣ୍ଡ୍ୟା ଅନେକ ଖେଳାଳିଙ୍କୁ ପଛରେ ପକାଇ ଦେଇଛନ୍ତି। ସେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୪୪ଟି ମ୍ୟାଚରେ ୧୬୧୩ ରନ ସଂଗ୍ରହ କରିଛନ୍ତି।ଏହି ଅବଧିରେ ସେ ୨ ଶତକ ଏବଂ ୧୧ ଅର୍ଦ୍ଧଶତକ ହାସଲ କରିଛନ୍ତି। ପୃଥ୍ୱୀ ଶ କ୍ରୁନାଲଙ୍କ ପଛରେ ଅଛନ୍ତି।ସେ ମୁମ୍ବାଇ ପାଇଁ ୧୬୦୯ ରନ ସଂଗ୍ରହ କରିଛନ୍ତି ଯେତେବେଳେ ଜଲାଜ ସାକ୍ସେନା ୧୫୬୭ ରନ ସଂଗ୍ରହ କରିଛନ୍ତି ଓଭର ଅଲ ତାଲିକାରେ କ୍ରୁନାଲ ୮୯ତମ ସ୍ଥାନରେ ଅଛନ୍ତି।

Printed, Published & Owner by Hajarika Mohapatra,
Printed at Das Offset Printers, Udit Nagar Main Road, Rourkela
Dist-Sundargarh (Odisha) and Published at Plot No.: 364/1662, Susanti Vihar, Lane-5, Tankapani Road, Bhubaneswar
Email : satyanews24.bbsr@gmail.com, Mob- +91 90406 99332, 83380 72970
Editor : Satyajit Mohapatra
ସମ୍ପାଦକ : ସତ୍ୟଜିତ ମହାପାତ୍ର